## ଆଜି କ'ଣ କେଉଁଠି

ସମ୍ବଲପୁର

- ଗିରିଗୋବର୍ଦ୍ଧନ ପୂଜା ଲାଗି କଳସଯାତ୍ରା, ସାହାସପୁର, ପୂର୍ବାହ୍ନ ସାଢ଼େ ୧୦ଟା ।
- ଜିଲା ସାମ୍ବାଦିକ ସଂଘର ପ୍ରସ୍ତୁତି ବୈଠକ, ସାମ୍ବାଦିକ ଭବନ, ପୂର୍ବାହ୍ନ ସାଢ଼େ ୧୦ଟା
- ଶ୍ରୀ ଶ୍ରୀ ଚିତ୍ରଗୁପ୍ତ ଦେବଙ୍କ ପୂଜନ ଉତ୍ସବର କଳସ ଯାତ୍ରା, ମହାନଦୀ ବାଲିବନ୍ଧା ଘାଟ, ଅପରାହ୍ନ ୩ଟା
- –ଦିଲୀପ ଚାନ୍ଦ ସ୍ମାରକୀ କବାଡ଼ି ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ, ଅଇଁଠାପାଲି ନିକଟ ହିଲ ଭ୍ୟୁ କଲୋନୀ, ସନ୍ଧ୍ୟା ୬ଟା ।

## ସଂକ୍ଷେପରେ

### ପୋଲିସ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଲେ ଏସ୍‌ପି

**ଝାରସୁଗୁଡ଼ା ଅଫିସ,୨୫।୧୦:** ଆଲୋକର ପର୍ବ ଦୀପାବଳିରେ ପରିବାର ଏକତ୍ରିତ ହୋଇ ଘରେ ଉତ୍ସବ ପାଳନ କରିଥାନ୍ତି। ଏହି ସମୟରେ ପୋଲିସ୍ ଅଧିକାରୀ ଓ କର୍ମଚାରୀ ନିଜର ପରିବାରରୁ ଦୂରରେ ରହି ଲୋକଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡା ସହରରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ ଏସ୍‌ପି ରାହୁଲ ଜୈନ ଭେଟି ଦୀପାବଳି ଉପହାର ମିଷ୍ଟାନ୍ନ ବାଣ୍ଟି ଶୁଭେଚ୍ଛା ଜଣାଇଥିଲେ। ଏସ୍‌ପି ଜୈନଙ୍କ ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

### ସ୍ୱାମୀଙ୍କ ନାମରେ ନିର୍ଯାତନା ଅଭିଯୋଗ କଲେ ସ୍ତ୍ରୀ

**ରେଢାଖୋଲ,୨୫।୧୦ (ଡି.ଏନ.ଏ.):** ରେଢାଖୋଲ ଥାନା ସିମିଳିପାଳ ଗ୍ରାମର ବିମାନୀ ପ୍ରଧାନ ନାମ୍ନୀ ମହିଳା ସ୍ୱାମୀ ପୁରନ୍ଦର ପ୍ରଧାନ, ଦିଅର ଶ୍ୟାମସୁନ୍ଦର ପ୍ରଧାନ, ଶ୍ୱଶୁର ଦୟାନିଧି ଓ ଶାଶୁ ଇନ୍ଦୁଙ୍କ ନାମରେ ଥାନାରେ ଯୌତୁକ ନିର୍ଯାତନା ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୪୯୮ (କ), ୨୯୪, ୩୨୩ ଓ ୪ରେ ମାମଲା (ନଂ.୨୪୬/୨୨) ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ଜୟରଶ୍ମି ସେଠୀ କହିଛନ୍ତି। ଅଭିଯେଗ ଅନୁଯାୟୀ ଘୋଷରାମାଳ ଗ୍ରାମର ବିମାନୀ ୩ବର୍ଷ ତଳେ ସିମିଳିପାଳ ଗ୍ରାମର ପୁରନ୍ଦରଙ୍କୁ ବିବାହ କରିଥିଲେ। ତାଙ୍କର ଏକ ଦେଢବର୍ଷର ପୁଅ ମଧ ଅଛି। ତେବେ ବିବାହର ପ୍ରାୟ ଦେଢବର୍ଷ ପରେ ସ୍ୱାମୀ ଓ ତାଙ୍କ ପରିବାରର ସମସ୍ତେ ମିଶି ୫୦ ହଜାର ଟଙ୍କା ଯୌତୁକ ଆଣିବାକୁ କହି ବିଭିନ୍ନ ସମୟରେ ନିର୍ଯାତନା ଦେଉଛନ୍ତି। ଗତ ୧୨ ତାରିଖରେ ପରିବାର ବର୍ଗ ମିଶି ମାରପିଟ କରିଥିବା ନେଇ ସେ ଅଭିଯୋଗ କରିଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସେ ସୋମବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ପୋଲିସ କାହାରିକୁ ଗିରଫ କରି ନ ଥିବା ଜଣାପଡିଛି।

### ଜମନକିରାରେ ଦୀପାବଳି

**ଜମନକିରା, ୨୪।୧୦(ଡି.ଏନ.ଏ.):** ଜମନକିରା ବ୍ଲକର ବିଭିନ୍ନ ସ୍ଥାନରେ ଦୀପାବଳି, କାଳୀପୂଜା ପାଳିତ ହୋଇଯାଇଛି। ପିଲାଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ଦୀପ ଜଳାଇ, ବାଣ ଫୁଟାଇ ଏହି ପର୍ବକୁ ଧୁମ୍‌ଧାମରେ ପାଳନ କରିଥିଲେ। ଅନେକ ସ୍ଥାନରେ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ବଡ଼ମାଲ ପଞ୍ଚାୟତ ରାଉତପଡାରେ କାଳୀପୂଜା ଓ ଗିରି ଗୋବର୍ଦ୍ଧନ ପୂଜା ଦୀର୍ଘ ୧ ଶହ ବର୍ଷ ଧରି ଚାଲିଆସୁଛି। ଚଳିତବର୍ଷ ପୂଜକ ଭାବେ ନବୀନ ଚନ୍ଦ୍ର ଦାସ ଏବଂ କର୍ତ୍ତା ଭାବେ ହାରାଚାନ୍ଦ ପଟେଲ ଓ ତାଙ୍କ ସହଧର୍ମିଣୀ ଦାୟିତ୍ୱ ନିର୍ବାହ କରିଥିଲେ।

# 'ଉପୁଜୁଥିବା ସମସ୍ୟା ଦୂର ହେବ'

## ନୂଆବର୍ଷରେ ଓଏସ୍‌ଓୟୁର ନୂତନ କୋଠା କାର୍ଯ୍ୟକ୍ଷମ

**ସମ୍ବଲପୁର,୨୫।୧୦(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ)ର ନୂତନ କୋଠା ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଡିସେମ୍ବର ସୁଦ୍ଧା ଏହା ସମ୍ପୂର୍ଣ୍ଣ ହୋଇ ଜାନୁୟାରୀ ମାସରେ କାର୍ଯ୍ୟକ୍ଷମ ହେବା ଲକ୍ଷ୍ୟ ରହିଛି। ନୂତନ କୋଠାରେ ଅଫିସ ପରିଚାଳନା କାର୍ଯ୍ୟ ହେଲେ ଉପୁଜୁଥିବା ବିଭିନ୍ନ ସମସ୍ୟା ଦୂର ହୋଇଯିବ ବୋଲି ଓଏସ୍‌ଓୟୁ କୁଳପତି ଅର୍କକେଶରୀ ଦାସ ମହାପାତ୍ର ସୂଚନା ଦେଇଛନ୍ତି।

ସେ ଆହୁରି କହିଛନ୍ତି, ସରକାର ବସନ୍ତପୁର ନିକଟରେ ୪୦ ଏକର ଜମି ଯୋଗାଇ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨ ଏକର ଜମିରେ କୋଠା ଓ ବାଉଣ୍ଡରି କାନ୍ଥ ନିର୍ମାଣ କାମ ହୋଇଛି। ବାଉଣ୍ଡରି କାନ୍ଥ କାମ ଶେଷ ହୋଇଥିବାବେଳେ କୋଠାରେ ବିଦ୍ୟୁତ୍ ଉପକରଣ ଲଗାଇବା ଓ ଫିନିଶିଂ କାମ କିଛି ବାକି ରହିଛି। ଗୋଟିଏ ମାସରେ କାମ ଶେଷ ହୋଇଯିବା ଲକ୍ଷ୍ୟ ରହିଛି। ନୂତନ ଶିକ୍ଷାବର୍ଷରୁ ନୂଆ କୋଠାରେ ଅଫିସ ପରିଚାଳନା କରାଯିବ। ଏବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ପବ୍ଲିକ ଲାଇବ୍ରେରି ଓ ଶାନ୍ତିନଗରସ୍ଥିତ ୨ ଗୋଟି ଭଡାଘରେ ଅନୁଷ୍ଠାନ ଚାଲୁଛି। ନୂତନ କୋଠା ହୋଇଗଲେ ଗୋଟିଏ ସ୍ଥାନରେ ଅଫିସ କାମ ସହ ଅନ୍ୟାନ୍ୟ କାମ କରିବାକୁ ସୁବିଧା ହେବ। ଅଭିଭାବକ ଓ ଛାତ୍ରୀଛାତ୍ର ଏହା ଦ୍ୱାରା ଉପକୃତ ହୋଇପାରିବେ। ପର୍ଯ୍ୟାୟକ୍ରମେ ଓଏସ୍‌ଓୟୁର କୋଠା ନିର୍ମାଣ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ୨୦୧୫ରୁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଖୋଲାଯାଇଛି। ଏବେ ରାଜ୍ୟର ପ୍ରାୟ ସମସ୍ତ ଜିଲାରେ ଏହାର ଶାଖା ଖୋଲାଯାଇଥିବା ବେଳେ ସମ୍ବଲପୁର ଜିଲାରେ ମୁଖ୍ୟାଳୟ ରହିଛି। ନିଜସ୍ୱ କୋଠା ନ ଥିବାରୁ ବହୁ ସମସ୍ୟା ହେଉଥିଲା। ପରେ ରାଜ୍ୟ ସରକାର ଜମି ଯୋଗାଇ ଦେଇଥିଲେ। ପୋଲିସ ହାଉସିଂ ବୋର୍ଡ ପକ୍ଷରୁ ଏଥିପାଇଁ ପ୍ରାୟ ୧୩ କୋଟି ଟଙ୍କା ବ୍ୟୟ ଅଟକଳରେ ନୂତନ କୋଠା ନିର୍ମାଣ କାମ ଆରମ୍ଭ ହୋଇଥିଲା। ପ୍ରାୟ ୨ବର୍ଷ ତଳେ କାମ ଆରମ୍ଭ ହୋଇଥିଲା। ଚଳିତ ଶିକ୍ଷାବର୍ଷରେ ୨୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନାମ ଲେଖାଇ ସାରିଛନ୍ତି। ପ୍ରଥମେ ହାତଗଣତି କେତେକ ପାଠ୍ୟକ୍ରମରୁ ବିଶ୍ୱବିଦ୍ୟାଳୟ ଆରମ୍ଭ ହୋଇଥିଲା। ଏବେ ୧୩ ପିଜି ପାଠ୍ୟକ୍ରମ,୧୧ ୟୁଜି ପାଠ୍ୟକ୍ରମ ସହ ୪ ଗୋଟି ବିଷୟରେ ଡିପ୍ଲୋମା ରହିଛି। ଚାକିରି କରୁଥିବା ଯୁବତୀଯୁବକଙ୍କ ପଦୋନ୍ନତି ପାଇଁ ମଧ୍ୟ ଏଠାରେ ପାଠ ପଢିବାର ସୁଯୋଗ ରହିଛି। ଏପରି କି ଜେଲରେ ସଜା କାଟୁଥିବା କଏଦୀମାନଙ୍କୁ ମଧ ଓଏସ୍‌ଓୟୁ ପକ୍ଷରୁ ଶିକ୍ଷାଦାନ କରାଯାଉଛି। ବେକାର ଓ ରୋଜଗାରକ୍ଷମ ଯୁବତୀଯୁବକଙ୍କୁ ଉଚ୍ଚ ଶିକ୍ଷିତ କରିବାର ଏକ ପ୍ରମୁଖ ମାଧମ ପାଲଟିଛି ଓଏସ୍‌ଓୟୁ।

# ହାତୀ ଉପଦ୍ରବରେ ଫସଲ ନଷ୍ଟ



ହାତୀ ଦ୍ୱାରା ନଷ୍ଟ ହୋଇଥିବା ଧାନଫସଲ।

**ନାକଟିଦେଉଳ,୨୫।୧୦(ଡି.ଏନ.ଏ.)**

ନାକଟିଦେଉଳ ବନାଞ୍ଚଳର ସରାପାଲି ଫରେଷ୍ଟ ବିଟ୍ ଅନ୍ତର୍ଗତ ମହୁକୁଦ ଗ୍ରାମରେ ୭ଦିନ ମଧ୍ୟରେ ୨ଥର ହାତୀ ଉପଦ୍ରବ ଦେଖାଦେଲାଣି। ଗତ ୧୮ତାରିଖ ପରେ ପୁଣି ଥରେ ସୋମବାର ବିଳମ୍ବିତ ରାତ୍ରିରେ ହାତୀ ପଲ ଧାନକ୍ଷେତରେ ପଶି ବ୍ୟାପକ ନଷ୍ଟ କରିଛନ୍ତି। ଏହାକୁ ନେଇ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ବିଳମ୍ବିତ ରାତ୍ରି ପ୍ରାୟ ୩ଟା ସମୟରେ ୩୦ରୁ ଅଧିକା ହାତୀ ୩ଟି ଦଳରେ ମହୁକୁଦ ଗାଁ ମୁଣ୍ଡକୁ ଆସିଥିଲେ। ସେଠାରେ ଜାମୁପଟି ଓ ଛତ୍ରିଆ ନାଳ ନିକଟରେ ଥିବା ଧାନକ୍ଷେତରେ ପଶି ଧାନ ଗଛ ଖାଇଯିବା ସହ ଦଳିଚକଟି ନଷ୍ଟ କରିଦେଇଛନ୍ତି। ହାତୀ ଉପଦ୍ରବରେ ଗ୍ରାମର ଅଶୋକ ମହାନ୍ତି, ବେଲ୍ଲାର ବେହେରା, ଲିଙ୍ଗ ବେହେରା, ସରୋଜ ସାହୁ, ଶିଶିର ବିଶ୍ୱାଳ, ବୈଶାଖୀ ଦେହୁରି, ସୁଦର୍ଶନ ଧଳ, ତରଣୀ ବିଶ୍ୱାଳ, ନରହରି ଧଳ, ଦିଲୀପ ନାଏକ ପ୍ରମୁଖ ୨୦ଜଣ ଚାଷୀଙ୍କ ୫ଏକରରୁ ଅଧିକ ଧାନ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳ ୬ଟା ପର୍ଯ୍ୟନ୍ତ ଏହି ହାତୀପଲ ଉପଦ୍ରବ ଜାରି ରଖିଥିବା ଗ୍ରାମବାସୀ କହିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ସହ ହାତୀ ଘଉଡ଼ାଇବା ଦିଗରେ ବନବିଭାଗ ଦୃଢ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସୂର୍ଯ୍ୟୋପରାଗ: ସମଲେଇଙ୍କ ରୀତିନୀତି ବନ୍ଦ

**ସମ୍ବଲପୁର,୨୫।୧୦(ବ୍ୟୁରୋ)**

ସମ୍ବଲପୁରର ମା' ସମଲେଇଙ୍କ ରୀତିନୀତି ଓ ସାଧାରଣ ଦର୍ଶନ ମଙ୍ଗଳବାର ବନ୍ଦ ରହିଥିଲା। ସୂର୍ଯ୍ୟୋପରାଗ ଯୋଗୁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିଲା। ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁଙ୍କ ସୂଚନା ଅନୁସାରେ ମଙ୍ଗଳବାର ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ମନ୍ଦିର ମୁଖ୍ୟ ଦ୍ୱାର ଓ ଗମ୍ଭୀରା ଦ୍ୱାର ବନ୍ଦ କରାଯାଇଥିଲା। ସନ୍ଧ୍ୟା ସମୟରେ ଗ୍ରହଣ ସ୍ପର୍ଶ ଶେଷ ହୋଇଯାଇଥିଲେ ମଧ ମନ୍ଦିର ଖୋଲାଯିବନାହିଁ। ବୁଧବାର ସୂର୍ଯ୍ୟ ଉଦୟ ହେବା ପରେ ମନ୍ଦିର ଗେଟ୍ ଖୋଲାଯିବ। ପୂଜକମାନେ ପଇତା ବଦଳାଇ, ସ୍ନାନ କରି ଶୁଦ୍ଧ ହେବାପରେ ମନ୍ଦିର ପ୍ରବେଶ କରିବେ। ପରେ ନିତିଦିନିଆ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବ। ଅନ୍ୟପଟେ ସହରର ବିଭିନ୍ନ ଦେବାଳୟ ଓ ଶକ୍ତିପୀଠ ମଧ ବନ୍ଦ ରଖାଯାଇଥିଲା। କେତେକ ସ୍ଥାନରେ ଗ୍ରହଣ ସ୍ପର୍ଶ ପରେ ସନ୍ଧ୍ୟାରେ ଖୋଲାଯାଇଥିଲା ଓ ପ୍ରାୟ ସ୍ଥାନରେ ବନ୍ଦ ରଖାଯାଇଥିଲା।



ମଙ୍ଗଳବାର ସମଲେଶ୍ୱରୀ ମନ୍ଦିର ବନ୍ଦ ରହିଛି ।

# ଦିବ୍ୟାଙ୍ଗ ବିଦ୍ୟାଳୟରେ ଦୀପାବଳି

**ଝାରସୁଗୁଡ଼ା ଅଫିସ,୨୫।୧୦**

ଝାରସୁଗୁଡାର ସାମାଜିକ ସଂସ୍ଥା ୟଙ୍ଗ ଷ୍ଟାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୁରୋମାଲ ବୁଢ଼ାପଡାସ୍ଥିତ ଖାଡେଶ୍ୱରୀ ଦିବ୍ୟାଙ୍ଗ ବିଦ୍ୟାଳୟରେ ଦୀପାବଳି ଉତ୍ସବ ପାଳିତ ହୋଇଯାଇଛି। ଚଳିତବର୍ଷ ବିଭିନ୍ନ ସମ୍ପ୍ରଦାୟର ବ୍ୟକ୍ତିବିଶେଷଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ସେମାନଙ୍କ ମଧ୍ୟରେ ହିନ୍ଦୁ ସମ୍ପ୍ରଦାୟରୁ ବରିଷ୍ଠ ନାଗରିକ ସଂଘ ସଭାପତି ବାଳଗୋବିନ୍ଦ ମିଶ୍ର, ମୁସଲିମ ସମ୍ପ୍ରଦାୟରୁ ରୋଟାରି କ୍ଲବର ସଭାପତି ସେହେନୋଜ ହୁସେନ, ଶିଖ ସମ୍ପ୍ରଦାୟରୁ ବରିଷ୍ଠ ଆଇନଜୀବୀ ସତପାଲ ସିଂ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବକୁ ଇଂ. ଅରବିନ୍ଦ ବାରିକ ପରିଚାଳନା କରିଥିବା ବେଳେ ଜିଲା ଦିବ୍ୟାଙ୍ଗ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଟ୍ରଷ୍ଟର ନିର୍ଦ୍ଦେଶକ ବିବେକାନନ୍ଦ ମିଶ୍ର, ଅଧକ୍ଷା ମମତା ଦାଶ ଉପସ୍ଥିତ ରହିବକ୍ତବ୍ୟ ରଖିଥିଲେ। ଟ୍ରଷ୍ଟର ଉପଦେଷ୍ଟା ରାଜେଶ ପାଢୀ, ସମୀର ରଞ୍ଜନ ଦାଶ, ଆଭାଷ ଦୀକ୍ଷିତ, ଉପସଭାପତି ବିଜୟ ସାଇଗଲ, ରାଜା ଦାସ, ପ୍ରଶାନ୍ତ ଭଇଁସା, ଶୁଭମ ମେହେର, ରାଜ ଦାସ ପ୍ରମୁଖ ଦିବ୍ୟାଙ୍ଗ ପିଲାଙ୍କ ସହ ଫୁଲଝରି ଆଦି ବାଣ ଲଗାଇ ଉତ୍ସବ ପାଳନ କରିଥିଲେ।

# ମନ୍ତ୍ରୀମୁଣ୍ଡା କପ ଫୁଟ୍‌ବଲ: ରେଙ୍ଗାଲି ଏଫ୍‌ସି ଚାମ୍ପିୟନ

**କୁଚିଣ୍ଡା,୨୫।୧୦(ଡି.ଏନ.ଏ.)**

ଦୀପାବଳି ଉପଲକ୍ଷେ ମନ୍ତ୍ରୀମୁଣ୍ଡା ମିନି ଷ୍ଟାଡିୟମ ଠାରେ ତିନିଦିନ ଧରି ଚାଲିଥିବା ୯ମ ମନ୍ତ୍ରୀମୁଣ୍ଡା କପ ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ସମ୍ବଲପୁର, ଝାରସୁଗୁଡା ଓ ସୁନ୍ଦରଗଡ ଜିଲାର ୧୬ ଗୋଟି ଟିମ୍ ଭାଗ ନେଇଥିଲେ। ଫାଇନାଲ ଖେଳରେ ଝାରସୁଗୁଡା ଜୟ ଯବାନ କ୍ଲବକୁ ୧–୦ ଗୋଲରେ ପରାସ୍ତ କରି ସମ୍ବଲପୁରର ରେଙ୍ଗାଲି ଏଫ୍‌ସି ଚାମ୍ପିୟନ ହୋଇଥିଲା। ଅଶ୍ୱିନୀ ବେରିହା, ରାଜେଶ ପଟେଲ, ନୀଳ ନାଏକ, ରାଜକୁମାର ମୁଣ୍ଡୁଲି, ଚନ୍ଦ୍ର କିଷାନ ଓ ରାଜେଶ ଜୟପୁରିଆ ପ୍ରମୁଖ ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ଆସୋସିଏଶନ ସଭାପତି ସନୀଲ ବନଛୋରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ବିଧାୟକ ରବିନାରାୟଣ ନାଏକ ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ ଓ ଅଜିତ ମହାପାତ୍ର, ସରପଞ୍ଚ ପ୍ରମୋଦ କିଷାନ, ସମିତିସଭ୍ୟା ସର୍ଣ୍ଣଲତା ଅଢା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫିସହ ନଗଦ ୧ଲକ୍ଷ ଟଙ୍କା ଓ ଉପ ବିଜେତା ଦଳକୁ ରନର୍ସଅପ ଟ୍ରଫିସହ ନଗଦ ୭୦ହଜାର ଟଙ୍କା ଅର୍ଥରାଶି ଦେଇ ପୁରସ୍କୃତ କରିଥିଲେ। ଏହାଛଡା ସେମିଫାଇନାଲ ମ୍ୟାଚରେ ପରାଜିତ ହୋଇଥିବା ରାଉରକେଲା ଏଫ୍‌ସି ଓ ମହାବୀର ଏଫ୍‌ସିକୁ ମଧ ଅତିଥିଗଣ ନଗଦ ୧୫ହଜାର ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରିଥିଲେ। ସୁନୀଲ ପଟେଲ ସଭା ସଞ୍ଚାଳନ କରିଥିଲେ।

# ନୂତନ ପେନ୍‌ସନଭୁକ୍ତ ଶିକ୍ଷକ ସଂଗଠନ ବୈଠକ



ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ।

**ଜମନକିରା,୨୫।୧୦ (ଡି.ଏନ.ଏ.)**

ଜମନକିରା ବ୍ଲକର ନୂତନ ପେନ୍‌ସନଭୁକ୍ତ ଶିକ୍ଷକ ସଂଗଠନର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ଦିଲୀପ ବହିଦାର ମୁଖ୍ୟ ଅତିଥି ଓ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଭୁବନେଶ୍ୱର ଦ୍ୱିବେଦୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ରାଜ୍ୟ ସରକାର କର୍ମଚାରୀଙ୍କ ଠିକା ନିଯୁକ୍ତି ଉଚ୍ଛେଦ ଘୋଷଣା କରିଛନ୍ତି। ହେଲେ ଦୀର୍ଘଦିନ ଧରି କାର୍ଯ୍ୟରତ ଶିକ୍ଷା ସହାୟକ ଓ ଗଣଶିକ୍ଷକ କ୍ଷେତ୍ରରେ ଏହା ଲାଗୁ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିପାଇଁ ଆଗାମୀ ଦିନରେ ନୂତନ ପେନ୍‌ସନଭୁକ୍ତ ଶିକ୍ଷକ ସଂଗଠନ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଏଥିସହିତ ଛଅବର୍ଷର ଶିକ୍ଷା ସହାୟକ ଓ ଗଣଶିକ୍ଷକ ଚାକିରିକୁ ମୂଳ ଚାକିରିରେ ଗଣନା କରାଯିବା, ପୁରାତନ ପେନ୍‌ସନ ଯୋଜନା ଅନ୍ତର୍ଭୁକ୍ତ କରିବା ଆଦି ଦାବି ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିନୋଦ ଅର୍କ, ମୋତିଲାଲ ସାହୁ, କାର୍ତ୍ତିକ କିଷାନ, ନରହରି ବେହେରା, ଅନନ୍ତ ଚୌଧୁରୀ, ପ୍ରଶାନ୍ତ କୁମାର ପଣ୍ଡା, ଶ୍ରୀକାନ୍ତ ପଟେଲ, ଅଭିମନ୍ୟୁ ବୁଢ଼ାଙ୍କ ସମେତ ବ୍ଲକର ଦେଢ଼ଶହରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ଜାମୁଯୋରୀ ଗ୍ରାମରେ କାଳୀପୂଜା

**ନାକଟିଦେଉଳ,୨୫।୧୦ (ଡି.ଏନ.ଏ.):** ନାକଟିଦେଉଳ ବ୍ଲକ ଜାମୁଯୋରୀ ଗ୍ରାମର ଜୀବନ ଜ୍ୟୋତି ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକଠାରେ କାଳୀପୂଜା ଆୟୋଜନ କରାଯାଇଛି। ସୋମବାର କଳସ ସ୍ଥାପନା ପରେ ବୈଦିକ ରୀତିନୀତିରେ ପୂଜା ଓ ହୋମକାର୍ଯ୍ୟ ଅନୁଷ୍ଠିତ ହେଉଛି। ଗ୍ରାମର କନ୍ତାରୁ ମାଝି ଓ ତାଙ୍କ ସ୍ତ୍ରୀ ମଲ୍ଲି ମାଝି କର୍ତ୍ତା ଦାୟିତ୍ୱ ନିର୍ବାହ କରିଛନ୍ତି। ମଙ୍ଗଳବାର ରାତ୍ରିରେ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିବାବେଳେ ବୁଧବାର ଜଗତ୍‌ଜନନୀ ମା' କାଳୀଙ୍କ ମୃଣ୍ମୟୀ ପ୍ରତିମାକୁ ମେଲାଣି ଦିଆଯିବ ବୋଲି ପୂଜା କମିଟି ପକ୍ଷରୁ ସ୍ଥିର ହୋଇଛି। ଯୁବକ ସଂଘର ବିଷ୍ଣୁଚରଣ ବେହେରା, ଅଜିତ କୁମାର ପ୍ରଧାନ, ବାଳକୃଷ୍ଣ ବିଶ୍ୱାଳ, ରଞ୍ଜିତ ସାହୁ, ଶ୍ରଦ୍ଧାକର ସାହୁ ପ୍ରମୁଖ ପୂଜାରେ ସହଯୋଗ କରୁଛନ୍ତି।

# ବିଭାଗୀୟ ମନ୍ତ୍ରୀଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଚିଠି

## ଝାରସୁଗୁଡ଼ା ବିମାନ ବନ୍ଦରକୁ ସ୍ୱାଭାବିକ ବିମାନ ଚଳାଚଳ ଦାବି

**ଝାରସୁଗୁଡ଼ା ଅଫିସ,୨୫।୧୦**

ଗତ କିଛିମାସ ହେଲା ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ଦେଶର ପ୍ରମୁଖ ସହରକୁ ଚଳାଚଳ କରୁଥିବା କେତେକ ବିମାନ ବନ୍ଦ ହୋଇଯାଇଛି। ଏହାସହ ଆଉ କେତେକ ବିମାନ ଚଳାଚଳରେ ଅନିୟମିତତା ଦେଖାଦେଇଛି। ଫଳରେ ଅନେକ ସମୟରେ ବିମାନ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ରାଜ୍ୟ ଭାଜପା ସମ୍ପାଦକ ଟଙ୍କଧର ତ୍ରିପାଠୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଥିଲେ। ଏହାକୁ ବିଚାରକୁ ନେଇ ଶିକ୍ଷାମନ୍ତ୍ରୀ ପ୍ରଧାନ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ପତ୍ର ଲେଖିଛନ୍ତି। ଏହି ପତ୍ରରେ ମୁମ୍ବାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ ଆଦି ସହରକୁ ଚଳାଚଳ କରୁଥିବା ବିମାନ ସେବା ପୂର୍ବଭଳି ଚାଲୁ ରଖିବା, ଝାରସୁଗୁଡା ବିମାନ ବନ୍ଦରରୁ ନୂଆଦିଲ୍ଲୀକୁ ନିୟମିତ ବିମାନ ସେବା, ଜୟପୁର ଓ ରାଞ୍ଚିରେ ନୂତନ ବିମାନ ସେବା ଆରମ୍ଭ କରିବାକୁ ଦାବି ରହିଛି ।

# କେନ୍ଦୁପତ୍ର କର୍ମଚାରୀ ସଂଘର ୨୦୦ କୋଟି ଅତିରିକ୍ତ ବଜେଟ ଦାବି

**ସମ୍ବଲପୁର,୨୫।୧୦(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଏବେ ବଜେଟ ପ୍ରସ୍ତୁତ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ କୁମାର ମହାନ୍ତି ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି କରିଛନ୍ତି। ଆଗାମୀ ଅତିରିକ୍ତ ବଜେଟରେ କେନ୍ଦୁପତ୍ର କର୍ମଚାରୀ, ତୋଲାଳି, ବନ୍ଧାଳି ଓ ନିର୍ଭର କରୁଥିବା ଶ୍ରମିକମାନଙ୍କ ପାଇଁ ଅତିରିକ୍ତ ୨ଶହ କୋଟି ଦାବି କରିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଜଙ୍ଗଲ ମନ୍ତ୍ରୀ, ଅର୍ଥ ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅର୍ଥ ବିଭାଗର ପ୍ରମୁଖ ସଚିବ ଏବଂ ବିଭାଗୀୟ ମୁଖ୍ୟ ପିସିସିଏଫଙ୍କୁ ପତ୍ର ଦେଇଛନ୍ତି। ଏଥିରେ ଉଲ୍ଲେଖ ରହିଛି, କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ, ବନ୍ଧେଇ ଶ୍ରମିକଙ୍କ ପାଇଁ ଯେଉଁସବୁ ସାମାଜିକ ନିରାପତ୍ତା ମୂଳକ ଆର୍ଥିକ ସହାୟତା ଦିଆଯାଉଛି ୨୦୧୭-୧୮ରେ ଅର୍ଥ ଅଭାବରେ ତାକୁ ସ୍ଥଗିତ ରଖାଯାଇଛି। ଏହିସବୁ କାର୍ଯ୍ୟକ୍ରମ ପାଇଁ ବର୍ତ୍ତମାନ ପ୍ରସ୍ତୁତ ହେଉଥିବା ଅତିରିକ୍ତ ବଜେଟରେ ୨୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଉ। ରାଜ୍ୟ ସରକାର କେନ୍ଦୁପତ୍ର ସଂସ୍ଥାର ଲାଭରୁ କାର୍ଯ୍ୟରତ ସମସ୍ତ ପ୍ରକାର ଶ୍ରମିକମାନଙ୍କ ପୁତ୍ର କନ୍ୟାଙ୍କୁ ଶିକ୍ଷା ବୃତ୍ତି ଓ କନ୍ୟା ବିବାହ ନମନ୍ତେ ୨୫୦୦୦ ଟଙ୍କା ଦେଉଥିଲେ। ହଜାର ହଜାର ପରିବାର ଏହି ସହାୟତା ପାଇ ଉପକୃତ ହୋଇଥିଲେ। କିନ୍ତୁ ୨୦୧୭ରୁ କେନ୍ଦୁପତ୍ର ଉପରେ ଶତକଡା ୧୮ ଭାଗ ଓ ବିଡି ଉପରେ ଶତକଡା ୨୮ ଭାଗ ଜିଏସ୍‌ଟି ଲାଗୁ ହୋଇଥିଲା। ଏହାସହ ଅନ୍ୟାନ୍ୟ କାରଣରୁ ସଂସ୍ଥାରେ ଲାଭ ପରିମାଣ ହ୍ରାସ ପାଇବା ପରେ ଏବେ ଶିକ୍ଷାବୃତ୍ତି ଓ କନ୍ୟା ବିବାହ ପରି ଆର୍ଥିକ ସହାୟତାକୁ ସ୍ଥଗିତ ରଖାଯାଇଛି। ଏହାକୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ତୀବ୍ର ବିରୋଧ କରିଆସୁଛି। ଏଥିପାଇଁ ଓଡ଼ିଶା ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କୁ ବିଧାନସଭାରେ ମନ୍ତ୍ରୀମାନଙ୍କ ଜରିଆରେ ଦାବିପତ୍ର ଦିଆଯାଇଥିଲା। କେନ୍ଦୁପତ୍ର ଉପରୁ ଲାଗୁଥିବା ଜିଏସ୍‌ଟି କେନ୍ଦ୍ର ସରକାର ପାଉଥିବା ବେଳେ ରାଜ୍ୟ ସରକାର ମଧ ଏଥିରୁ ରାଜ୍ୟର ଅଂଶ ସ୍ୱରୂପ ଆର୍ଥିକ ସହାୟତା ପାଉଥିବେ। ତେଣୁ ଉଭୟ ସରକାର ରାଜ୍ୟର ପ୍ରାୟ ୮ଲକ୍ଷ କେନ୍ଦୁପତ୍ର ଶ୍ରମିକମାନଙ୍କ ସାମାଜିକ ନିରାପତ୍ତା ସହାୟତାକୁ କେନ୍ଦୁପତ୍ର ଲାଭ ଉପରେ ନିର୍ଭର ନ କରି ବଜେଟରେ ବ୍ୟବସ୍ଥା କରିବାକୁ ସଂଘ ଦାବି କରିଛି।

# ଦାବି ପୂରଣ ନ ହେଲେ ଆତ୍ମାହୁତି ଚେତାବନୀ

## ଗ୍ରାମ ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ବୈଠକ

**ଝାରସୁଗୁଡ଼ା ଅଫିସ,୨୫।୧୦**

ଓଡ଼ିଶା ଗ୍ରାମ ପଞ୍ଚାୟତ କର୍ମଚାରୀ ସଂଘ ସହବନ୍ଧିତ ଝାରସୁଗୁଡ଼ା ଜିଲା ଶାଖା ତରଫରୁ ୮ଦଫା ପାହାଡି ମନ୍ଦିର କଲ୍ୟାଣ ମଣ୍ଡପରେ ଜିଲା ସଭାପତି ମାଣିକ କିଷାନଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୫ ବ୍ଲକ୍‌ର ୭୮ପଞ୍ଚାୟତରୁ ଶତାଧିକ ୪ର୍ଥ ଶ୍ରେଣୀ କର୍ମଚାରୀ ଯୋଗଦେଇଥିଲେ। ଏଥିମଧ୍ୟରେ ୭୬ଜଣ ପିଅନ, ୬୫ଜଣ ରାତ୍ର ଜଗୁଆଳି,୧୦ଜଣ ଝାଡୁଦାର ରହିଥିଲେ। ପ୍ରମୁଖ ଦାବି ମଧ୍ୟରେ ସ୍ଥାୟୀ ନିଯୁକ୍ତି ସାଙ୍ଗକୁ ନିୟମିତ ଦରମା, ସମାନ କାମକୁ ସମାନ ଦରମା, ୨୦୧୪ମସିହା ନିୟମ ୧୨୫ ଓ ୧୯୬୪ମସିହା ୧୨୩ ଆଇନ୍ ସଂଶୋଧନ, କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ, ପଞ୍ଚାୟତିରାଜ ବିଧିବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା, ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି, ଚାକିରି କ୍ଷେତ୍ରରେ ସୁରକ୍ଷା ଆଦି ଅନ୍ୟତମ। ଏସବୁ ଦାବିକୁ ନେଇ ଆଗାମୀ ଦିନରେ ଜିଲା ସଂଘ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇ ଦାବିପତ୍ର ପ୍ରଦାନ କରାଯିବ। ସୁଫଳ ନ ମିଳିଲେ ଆଗାମୀ ଦିନରେ ରାଜ୍ୟ ଗ୍ରାମ ପଞ୍ଚାୟତ କର୍ମଚାରୀ ସଂଘ ନେତୃତ୍ୱରେ ବିଧାନସଭା ସମ୍ମୁଖରେ ଗଣଧାରଣା ଦିଆଯାଇ ଆତ୍ମାହୁତି ଦିଆଯିବ ବୋଲି ଜିଲା ସଭାପତି କିଷାନ ଚେତାବନୀ ଦେଇଛନ୍ତି। ବୈଠକରେ ସଂଘ ଉପସଭାପତି ଯୁଧିଷ୍ଠିର ସା, ସମ୍ପାଦକ ଆନନ୍ଦ ଚନ୍ଦ୍ର ପ୍ରଧାନ, ସହ ସମ୍ପାଦକ ସନ୍ତୋଷ ନାୟକ, କୋଷାଧ୍ୟକ୍ଷ ଲଳିତ ଖର୍ସେଲ, ପ୍ରସନ୍ନ ପୂଜାରୀ, ଆଦିତ୍ୟ ରାଉତ, ଦିଲୀପ ଭଇଁସା, ଆଦିତ୍ୟ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା।

### ଡାକ୍ତରୀ ନାମଲେଖା ପାଇଁ ସହାୟତା

ବରଗଡ଼ ଅଫିସ୍,୨୫।୧୦: ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଜାମୁଟପାଲି ଗ୍ରାମର ରଞ୍ଜନ ପାଇକ କେନ୍ଦୁଝର ମେଡ଼ିକାଲ କଲେଜରେ ନାମଲେଖା ପାଇଁ ଚୟନ ହୋଇଛନ୍ତି। ତାଙ୍କ ନାମଲେଖା ପାଇଁ ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟ ସହାୟତାର ହାତ ବଢ଼ାଇଛି। ଟ୍ରଷ୍ଟର ଏକ ପ୍ରତିନିଧି ଦଳ ରଞ୍ଜନଙ୍କ ଘରକୁ ପହଞ୍ଚି ୬୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ଏହି ସମୟରେ ଟ୍ରଷ୍ଟର ଅଧ୍ୟକ୍ଷ ଗୁଣମଣି ସୁନାନୀ, ଗୁରୁଚରଣ ହରପାଲ, କାହ୍ନା ମାଝି, ଶୋଭାରାମ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ପାଇକମାଲ,୨୫।୧୦(ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ପାଇକମାଲ ବ୍ଲକ ଅନ୍ତର୍ଗତ ରସମୁଣ୍ଡା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଉକ୍ତ ଗ୍ରାମର ରାମଚନ୍ଦ୍ର ନାୟକ(୬୫)। ସେ ବିଳମ୍ବିତ ରାତିରେ ପରିସ୍ରା କରିବା ପାଇଁ ଘରୁ ବାହାରିଥିବା ବେଳେ ବାହାରେ ବୁଲୁଥିବା ଏକ ହାତୀ ତାଙ୍କୁ ଟେକି ନେଇ କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଖବର ପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳକୁ ପହଞ୍ଚିଥିଲେ ଏବଂ ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ରାତିରେ ହାତୀଟି ଗାଁରେ କିଛି ସମୟ ବୁଲାବୁଲି କରିବା ପରେ ଗନ୍ଧମାର୍ଦ୍ଦନ ଜଙ୍ଗଲକୁ ଚାଲିଯାଇଥିବା ଗ୍ରାମବାସୀ କହିଛନ୍ତି ।

### ଡୁମେରପାଲି, ଲେଣ୍ଡା ବିଜୟୀ

**ବରଗଡ଼ ଅଫିସ୍,୨୫।୧୦:** ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ମ୍ୟାଚ୍‌ରେ ଡୁମେରପାଲି ଏବଂ ଲେଣ୍ଡା ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଡୁମେରପାଲି ଓ ରେଙ୍ଗାଲପାଲି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏଥିରେ ଡୁମେରପାଲି ୧-୦ ଗୋଲରେ ବିଜୟୀ ହୋଇଥିଲା। ଦଳର ମୁକ୍ତିରାମ ଭୁଏ ଗୋଲ ସ୍କୋର କରିଥିଲେ। ସୁନିଲ ବାଗ, ନାରାୟଣ ପଣ୍ଡା, ଆଦିତ୍ୟ ନାୟକ, ବିଭୀଷଣ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଲେଣ୍ଡା ଓ ରକ୍ସା ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ଏଥିରେ ଲେଣ୍ଡା ୨-୧ ଗୋଲରେ ବିଜୟୀ ହୋଇଥିଲା। ଲେଣ୍ଡା ଦଳର ଡିଲେଶ୍ୱର ଛୁରିଆ ୨ଟି ଗୋଲ ସ୍କୋର କରିଥିବାବେଳେ ପ୍ରତିପକ୍ଷ ରକ୍ସା ଦଳର ବିଶ୍ୱାମିତ୍ର ବୁଧିଆ ଗୋଟିଏ ଗୋଲ୍ ସ୍କୋର କରିଥିଲେ। ସନ୍ତୋଷ ପ୍ରଧାନ, ଗୋପାଳ ନାୟକ, ସନ୍ତୋଷ ଗଡ଼ତିଆ, ଶଙ୍କର୍ଷଣ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରକାଶଥାଉକି, ସୋମବାର ମ୍ୟାଚ୍‌ରେ ଉଲ୍‌ବା ଏବଂ ଘୁଲିପାଲି ପ୍ରତିପକ୍ଷ ଦଳକୁ ହରାଇ ବିଜୟୀ ହୋଇଥିଲେ।

### ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ନିର୍ବାଣ ଦିବସ

**ବରଗଡ଼ ଅଫିସ୍,୨୫।୧୦:** ବରଗଡ଼ରେ ବୈଦିକ ସନାତନ ଧର୍ମର ପ୍ରଚାରକ ତଥା ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ନିର୍ବାଣ ଦିବସ ମଙ୍ଗଳବାର ପାଳିତ ହୋଇଛି। ଜିଲା ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିବ୍ରାଜକ ସ୍ୱାମୀ ସୋମାନନ୍ଦ ବାନପ୍ରସ୍ଥି ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଗ୍ରାମର ଆର୍ଯ୍ୟ ସମାଜର ସଦସ୍ୟ ଉପସ୍ଥିତ ରହି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଗୁଣଗାନ କରିଥିଲେ। ଏହାସହିତ ଭାରତୀୟ ସଂସ୍କୃତି, ସଂସ୍କୃତ ଭାଷା, ବୈଦିକ ସତ୍ୟ ସନାତନ ଧର୍ମ ସୁରକ୍ଷା ନିମିତ୍ତ କିଭଳି ତାଙ୍କ ଅବଦାନ ରହିଥିଲା, ସେ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବଗେଇବିରା ଆର୍ଯ୍ୟ ସମାଜ ସଦସ୍ୟ ଶିବାଜୀ ପ୍ରଧାନ ମହର୍ଷି ଦୟାନନ୍ଦଙ୍କ ସମାଜ ସଂସ୍କାର କ୍ଷେତ୍ରରେ ରହିଥିବା ଭୂମିକା ଉପରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ବେଦପାଠ, ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସଚ୍ଚିଦାନନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଜୁଆ ଚଢ଼ାଉ, ୬ ଗିରଫ

**ଅତାବିରା/ସରଣ୍ଡା,୨୫।୧୦(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଥାନା ପୋଲିସ ସୋମବାର ବିଳମ୍ବିତ ରାତିରେ ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ କୁଜାପାଲି, ଦୁଲମପୁର ନିକଟରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରିଥିଲା। ଚଢ଼ାଉରେ ୬ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଭେଡ଼େନ ଥାନା ଅର୍ଜୁଣ୍ଡା ଗ୍ରାମର ଭାନୁକାନ୍ତ ପାଢ଼ୀ(୪୨), ଅତାବିରା ଥାନା ମହଖଣ୍ଡର ରବିନ୍ଦ୍ର କୁମ୍ଭାର, ଲରମ୍ଭା(ନୂଆପଡ଼ା)ର ସୁଶାନ୍ତ ଦେହେରୀ(୪୪), ଦୁଲମପୁର ମାର୍କେଟ ପଡ଼ାର ପ୍ରଶାନ୍ତ ବେହେରା(୩୪), ବୁର୍ଲା ଥାନା କଟାପାଲିର କେଦାର ପଧାନ(୪୫) ଏବଂ ଅମ୍ପଲ୍ଲାର ସୁବଳ ହାତୀ(୪୨)। ଅଭିଯୁକ୍ତଙ୍କ ପାଖରୁ ନଗଦ ୩୬ହଜାର ୭୧୦ ଟଙ୍କା, ୭ ମୋବାଇଲ, ୪ବାଇକ୍ ଜବତ ହୋଇଛି। ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ.୩୭୨/୨୨) ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି।

# ପ୍ରତିଭା ପ୍ରକାଶ ପାଇଁ ଅପୂର୍ବ ସୁଯୋଗ ସୁରଭି

**ଅତାବିରା,୨୫।୧୦(ଡି.ଏନ.ଏ)**



କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରୁଛନ୍ତି ।

ବରଗଡ଼ ଜିଲା ଅତାବିରା ଖରମୁଣ୍ଡା ସାଧନ କେନ୍ଦ୍ର ଆନୁକୂଲ୍ୟରେ ସ୍ଥାନୀୟ ଟାଙ୍ଗରପାଲି ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷକ ଗୋପବନ୍ଧୁ ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ପାଇଁ ସୁରଭି ପ୍ରକୃଷ୍ଟ ମଞ୍ଚ ବୋଲି ମତ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ୧୪ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଧାନ ଶିକ୍ଷକ ଧର୍ମେନ୍ଦ୍ର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସମାରୋହରେ ବାବୁଲାଲ ପାଣ୍ଡିଆ ସ୍ୱାଗତ ଭାଷଣ ଦେଇଥିଲେ। ଅତାବିରା ଏବିଇଓ କାର୍ତ୍ତିକ ବାଗ, ତପନ ଦାଶ, ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ପ୍ରତିଭା ପ୍ରକାଶ ପାଇଁ ଏକ ଅପୂର୍ବ ସୁଯୋଗ ବୋଲି କହିଥିଲେ। ଟାଙ୍ଗରପାଲି ସରପଞ୍ଚ ରୋହିଣୀ ପ୍ରଧାନ, ଖରମୁଣ୍ଡା ସରପଞ୍ଚ କଳାସାହେବ ଭୋଇ, ସ୍କୁଲ ଚେୟାରମ୍ୟାନ ଭରତ ଭୋଇ, ଶିକ୍ଷାବିତ୍ ପ୍ରଶାନ୍ତ ପତି, ହୀରାଧର ପ୍ରଧାନ, ଡିଙ୍ଗର ପ୍ରଧାନ, ଶିକ୍ଷକ ସୁବାସ ଚନ୍ଦ୍ର ଜେନା, ହରିହର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସିଆରସିସି ସୀତାପତି ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁନୀଲ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

## ଜହ୍ନାପଡ଼ା କେନ୍ଦ୍ରରେ ସୁରଭି କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ କୃତୀଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

**ଅତାବିରା,୨୫।୧୦(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଜହ୍ନାପଡ଼ା କେନ୍ଦ୍ରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ ସୁରଭି-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ଅନ୍ୱେଷଣ ତଥା ଚୟନ ନିମନ୍ତେ ଦେବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କେନ୍ଦ୍ର ଅଧୀନ ୧୨ବିଦ୍ୟାଳୟର ୧୨୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ମୁଖ୍ୟଅତିଥି, ଜହ୍ନାପଡ଼ା ସରପଞ୍ଚ ସୁବାଶିନୀ ତରିଆ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସିଆରସିସି ରଞ୍ଜନ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ରୁଚିସ୍ମିତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କନିଷ୍ଠ, ବରିଷ୍ଠ ବର୍ଗରେ ବକ୍ତୃତା, ତର୍କ, ପ୍ରବନ୍ଧ, ସୃଜନାତ୍ମକ ଲିଖନ, ଚିତ୍ରାଙ୍କନ, ଚିତ୍ରକଳା, ଶିଳ୍ପକଳା, ଶ୍ରୁତଲିଖନ, ହସ୍ତାକ୍ଷର ଆଦି ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରେମାନନ୍ଦ ସାହୁ, ସୁରେନ୍ଦ୍ର ଭୋସାଗର, ଜେନାମଣି ମହାନନ୍ଦ, ସୂରାଜ ସରାଫ, ସନାତନ ସୁନା, ସନ୍ତୋଷ କାଲୋ, ଜୀବର୍ଦ୍ଧନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଏସ୍‌ଡିସିସି ବ୍ୟାଙ୍କ କର୍ମଚାରୀ ସଂଘର ସମ୍ବର୍ଦ୍ଧନା ସମାରୋହ

**ବରଗଡ଼ ଅଫିସ୍,୨୫।୧୦**



ସମ୍ବର୍ଦ୍ଧନା ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ (ଏସ୍‌ଡ଼ିସିସି) କର୍ମଚାରୀ ସଂଘ ତରଫରୁ ବରଗଡ଼ ସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲ୍‌ରେ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅବିନାଶ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପୂର୍ବତନ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି, ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ହରିଶ୍ଚନ୍ଦ୍ର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସମବାୟ ବ୍ୟାଙ୍କ ଜରିଆରେ ସାମାଜିକ ଓ ଆର୍ଥିକ ଉନ୍ନତି ସାଧନ ନିମନ୍ତେ ଅତିଥିମାନେ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ବ୍ୟାଙ୍କର ୭୫ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ବିଦାୟ ଏବଂ ୭୧ଜଣ କର୍ମଚାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘ ସଭାପତି ଅବସରପ୍ରାପ୍ତ କର୍ମଚାରୀଙ୍କ ଦୀର୍ଘ, ନିରାମୟ ଜୀବନ କାମନା କରିଥିବାବେଳେ ନବନିଯୁକ୍ତ କର୍ମଚାରୀମାନଙ୍କୁ ବ୍ୟାଙ୍କର କାର୍ଯ୍ୟଧାରା ଉପରେ ସୂଚନା ପ୍ରଦାନ କରିଥିଲେ। କର୍ମଚାରୀ ସଂଘ ଉପସଭାପତି ବୁଲ୍‌ବୁଲ୍ ଦେବତା, ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ସାହୁ, ସହ ସମ୍ପାଦକ ହେମସିକ୍ତ ଦାଶ, କୋଷାଧ୍ୟକ୍ଷ ବିକାଶ ରଞ୍ଜନ ଶତପଥି ଏବଂ ଉପଦେଷ୍ଟା ମଣ୍ଡଳୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବରଗଡ଼ର ସାନ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଶିଶୁ କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

## କାଳୀପୂଜାରେ ଯୁଗାର ଯାତ୍ରା

**ସରଣ୍ଡା,୨୫।୧୦(ଡି.ଏନ.ଏ.)**

ଅତାବିରା ବ୍ଲକ ରେଙ୍ଗାଲି କ୍ୟାମ୍ପ ସାର୍ବଜନୀନ ୬୩ତମ କାଳୀପୂଜା ଅବସରରେ ସୋମବାର ବିଭିନ୍ନ ଗ୍ରାମ୍ୟ କମିଟି ପକ୍ଷରୁ ବିରାଟ ଖଇ ନିର୍ମିତ ଜୁଗାରକୁ ଶୋଭାଯାତ୍ରାରେ ଆଣି ମା'ଙ୍କୁ ସମର୍ପଣ କରାଯାଇଛି। ପୂର୍ବାହ୍ନରେ ଅତାବିରା ଦୁର୍ଗା ମନ୍ଦିର କମିଟି, ଗୋଡଭଗା ଦୁର୍ଗାପୂଜା କମିଟି, ଲାଦରପାଲି ମା' ରାମଚଣ୍ଡୀ ମନ୍ଦିର କମିଟି, ଅତାବିରା ମାର୍କେଟ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ବିଭିନ୍ନ ପୂଜା ସାମଗ୍ରୀ ଧରି ମାଆଙ୍କ ମନ୍ଦିରରେ ପହଞ୍ଚିଥିଲେ। ସେହିପରି ରୀତିନୀତିରେ ପୂଜା ସହ ମା'ଙ୍କ ନୂତନ ପିତ୍ତଳ ମୂର୍ତ୍ତି ଅବସ୍ଥାପିତ କରି ଜୀବନ୍ୟାସ ଦିଆଯାଇଥିଲା। ରାତ୍ରିକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିପୁଳ ଜନ ସମାଗମ ପରିଲକ୍ଷିତ ହୋଇଥିଲା। ବୁଧବାର ମା'ଙ୍କ ନୂତନ ବିଗ୍ରହ ମନ୍ଦିରରେ ପ୍ରତିଷ୍ଠା ହେବା ସହ ଯାତ୍ରା ସମାପନ ହେବ।

## ରୋଗରେ ପୀଡ଼ିତ, ଚିକିତ୍ସା ପାଇଁ ଅର୍ଥ ନାହିଁ

**ଜାମଟିକ୍ରା, ୨୫।୧୦(ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ଏନ୍‌ଏସି ଅନ୍ତର୍ଗତ ୩ ନଂ. ୱାର୍ଡ ଭାଲୁପାଲି ହରିଜନ ପଡାରେ ରୁହନ୍ତି ପ୍ରକାଶ ଜଗଦଲା(୭୦) ଓ ତାଙ୍କ ସ୍ତ୍ରୀ ତେଜ ଜଗଦଲା (୬୫)। ବର୍ତ୍ତମାନ ପ୍ରକାଶ ଏବେ ବିଭିନ୍ନ ରୋଗରେ ପୀଡ଼ିତ ଅଛନ୍ତି। ସେହିପରି ତେଜଙ୍କର ବ୍ରେନ ଟ୍ୟୁମର ହୋଇଛି। ଉକ୍ତ ଦମ୍ପତିଙ୍କ ଜମିବାଡି କହିଲେ କିଛି ନାହିଁ। କେବଳ ମାସିକ ଭତ୍ତା ଏକ ହଜାର ଟଙ୍କା ଓ ଚାଉଳ ୧୦ କେଜିରେ ଉଭୟ ଚଳୁଛନ୍ତି। କିନ୍ତୁ ଚିକିତ୍ସା ପାଇଁ ଆବଶ୍ୟକ ସମ୍ବଳ ଅଭାବରୁ ସେମାନେ ଦୟନୀୟ ଅବସ୍ଥାରେ ଚଳୁଛନ୍ତି। ସରକାରୀ ସହାୟତା ମିଳିଲେ ଆମେ ଚିକିତ୍ସିତ ହୋଇପାରିବୁ ବୋଲି ଉକ୍ତ ଦମ୍ପତି ପ୍ରକାଶ କରିଛନ୍ତି ।



ରୋଗଗ୍ରସ୍ତ ବୃଦ୍ଧ ଦମ୍ପତି।

## ପୋଲିସର ନୂଆ ମନ ନୂଆ ସପନ କାର୍ଯ୍ୟକ୍ରମ

**ପଦ୍ମପୁର,୨୫।୧୦(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଧୁମାଭଟା ମଧୁନଗର ଛକରେ ଜିଲା ଓ ଜଗଦଲପୁର ପୋଲିସ ପକ୍ଷରୁ ନୂଆ ମନ ନୂଆ ସପନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସର୍ଜେଣ୍ଟ ବିଦ୍ୟାଧର ଦାଶ, ଥାନାଧିକାରୀ ସୁଷମା କୁଅଁର, ଏଏସ୍‌ଆଇ ପ୍ରଦୀପ ପାଣି, ହାବିଲଦାର ଜିତେନ୍ଦ୍ରିୟ ଦାଶ, ଆରଓ ଏବଂ ପୋଲିସ ଷ୍ଟାଫ ଯୋଗଦାନ କରି ସାମୂଦାୟିକ ଉନ୍ନତି ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଧୁମାଭଟା ଗ୍ରାମର ଶତାଧିକ ବୃଦ୍ଧାବୃଦ୍ଧ, ଯୁବଗୋଷ୍ଠୀ, ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଯୁବଗୋଷ୍ଠୀଙ୍କୁ ଖେଳ ସାମଗ୍ରୀ, ପୋଷାକ, ସଙ୍ଗୀତ ପ୍ରେମୀଙ୍କୁ ବାଦ୍ୟଯନ୍ତ୍ର ଓ ଛାତ୍ରୀଛାତ୍ରଙ୍କୁ ପାଠ୍ୟୋପକରଣ ବଣ୍ଟନ କରାଯାଇଥିଲା। ସେହିପରି ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା।

## ଆଦିବାସୀ କଲ୍ୟାଣ ସଂଘ ବୈଠକ

**ପଦ୍ମପୁର/ପାଇକମାଳ,୨୫।୧୦(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ନୃସିଂହନାଥ ବିନ୍ଧ୍ୟବାସିନୀ ଭବନରେ ଜିଲା ଆଦିବାସୀ କଲ୍ୟାଣ ସଂଘର ଉପଖଣ୍ଡ ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ସଭାପତି ରାଜେନ୍ଦ୍ର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟ ଅତିଥି, ଭୋଜରାଜ ସିଂ ବରିହା, ସର୍ବଭାରତୀୟ ବିନ୍ଧ୍ୟବାସିନୀ ସ୍ୱଲାଖ ବିଞ୍ଝାଲ ସମାଜ ଲାଟ୍ ସଭାପତି ହୃଷିକେଶ ବରିହା, ନନ୍ଦଲାଲ ବରିହା, ଆଶାରାମ ବରିହା, ରାଧେଶ୍ୟାମ ବରିହା, ଶବର ସମାଜ ସଭାପତି ରାଜେନ୍ଦ୍ର ରାଉତ, ଭଜରାମ ରାଉତ, ନନ୍ଦଲାଲ ଭୋଇ, ସୁରେନ୍ଦ୍ର ନାଏକ, ଯୁଗଳ କିଶୋର ଭୋଇ, କନ୍ଧ ସମାଜ ସଭାପତି ରାଧେ ସାଆନ୍ତ, ଗିରି ସାଆନ୍ତ, ଗଣ୍ଡ ସମାଜ ସଭାପତି ଭଗବତିଆ ସିଂଦାଓ, ସହଦେବ ଧରୁଆ, ଚୈତୁ ସିଂଦାଓ, ବେଣୁ ଭୋଇ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟରେ ଆଦିବାସୀ ସମ୍ପ୍ରଦାୟର ସଂସ୍କୃତି, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ, ଅର୍ଥନୈତିକ ବିକାଶ ପାଇଁ ପଦ୍ମପୁର ବିଧାୟକ ସ୍ୱର୍ଗତ ବିଜୟ ରଞ୍ଜନ ସିଂବରିହାଙ୍କ ଅତୁଳନୀୟ ଅବଦାନ ଥିଲା ବୋଲି ନେତାମାନେ ମତବ୍ୟକ୍ତ କରିଥିଲେ। ପରେ ଲକ୍ଷେଘର ଗଣ୍ଡ ସମାଜର ଏକ ବୈଠକରେ ରାଜ୍ୟ ସଭା ସଦସ୍ୟ ବିଶି ଯୋଗ ଦେଇଥିଲେ।

## ଜାମସେଠରେ କାଳୀପୂଜା

**ପାଇକମାଳ, ୨୫।୧୦(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ବ୍ଲକ ଜାମସେଠ ଗାଁରେ ଶ୍ୟାମାକାଳୀ ପୂଜା ଆରମ୍ଭ ହୋଇଛି। ଏହି ଉପଲକ୍ଷେ ସୋମବାର ସକାଳେ ଜାମସେଠ ଅଙ୍ଗନଦୀ କୂଳରେ ପୂଜାର୍ଚ୍ଚନା କରି ମା'ଭଉଣୀ ମାନେ ୧୦୮ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ପୂଜା କର୍ତ୍ତା ଭାବେ ଗଙ୍ଗେଶ୍ୱର ନେଉରା ଓ ଗୌରୀ ନେଉରା ଥିବା ବେଳେ ପୂଜକ ଗୋବର୍ଦ୍ଧନ ଦାସ ପୂଜାପାଠ କରିଥିଲେ। ମଙ୍ଗଳବାର ସୂର୍ଯ୍ୟ ପରାଗ ଥିବାରୁ ପୂଜା ବନ୍ଦ ରହିଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଉଛି। ବୁଧବାର ଅପରାହ୍ନ ୩ଟାରେ ଜାମସେଠ ଗୀତିନାଟ୍ୟ କଳା ପରିଷଦ ତରଫରୁ ରାମଲୀଳା ସହ ରାବଣପୋଡ଼ି ହେବ ବୋଲି ପୂଜା କମିଟି ସଭାପତି ଆର୍ତ୍ତତ୍ରାଣ ସାହୁ ସୂଚନା ଦେଇଛନ୍ତି ।

## ଅସୁରକ୍ଷିତ ଅଙ୍ଗନୱାଡି କେନ୍ଦ୍ର

**ସରଣ୍ଡା,୨୫।୧୦(ଡି.ଏନ.ଏ.)**

ଅତାବିରା ବ୍ଲକ ଜାଙ୍ଗେଡ଼ ଗ୍ରାମପଞ୍ଚାତର ୪ଟି ଯାକ ଅଙ୍ଗନବାଡି କେନ୍ଦ୍ର ଅସୁରକ୍ଷିତ ହୋଇପଡିଛି। ୧ନଂ. କେନ୍ଦ୍ର ଜାଙ୍ଗେଡ ଗ୍ରାମରୁ ପ୍ରାୟ ୪ଶହ ମିଟର ଦୂରରେ ରହିଛି। ଏଠାରେ ୧୯ଜଣ ଶିଶୁ ପାଠ ପଢୁଛନ୍ତି। କେନ୍ଦ୍ରଟି ୨୦୧୨ ମସିହାରୁ ନିର୍ମାଣ ହୋଇଛି। ଏହାର ଶୌଚାଳୟ ଭାଙ୍ଗିପଡିଛି। ୧୦ବର୍ଷ ହେବ କୋଠା ନିର୍ମାଣ ସରିଥିଲେ ମଧ୍ୟ କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ପାଣି ଟାଙ୍କି ରହିଛି, ମାତ୍ର ପିଇବା ପାଣି ମିଳୁନାହିଁ। ଅଙ୍ଗନୱାଡିରେ ନଳକୂପ ଥିଲେ ମଧ୍ୟ ତାହା ପିଇବା ଯୋଗ୍ୟ ନୁହଁ ବୋଲି କେନ୍ଦ୍ରର କର୍ମୀ କୁହନ୍ତି। ସେହିପରି ଏହି ଅଙ୍ଗନୱାଡି କେନ୍ଦ୍ରରେ ପାଚେରି ନାହିଁ। କେନ୍ଦ୍ର ପଛପଟେ ଅନାବନା ଘାସ ଭରିରହିଛି। ଫଳରେ ଶିଶୁମାନଙ୍କୁ ସରିସୃପ ଭୟ ରହିଛି। ଅନ୍ୟକେନ୍ଦ୍ର ଗୁଡିକ ମଧ୍ୟ ସମାନ ସମସ୍ୟା ଦେଇ ଗତି କରୁଛନ୍ତି। ଏପରିକି ୪ ନଂ କେନ୍ଦ୍ରକୁ ରାସ୍ତା ମଧ୍ୟ ନାହିଁ। ଏ ସମ୍ପର୍କରେ ସରପଞ୍ଚ ଭାଗବତିଆ ସିଂ କହିଛନ୍ତି, ସେ ସମସ୍ତ କେନ୍ଦ୍ରକୁ ବିଦ୍ୟୁତ୍ ଯୋଗାଣ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଛନ୍ତି। ଏହାସହିତ ପାଚେରି ନିର୍ମାଣ ବ୍ୟବସ୍ଥା କରାଯିବ ବୋଲି ସେ ମତ ଦେଇଛନ୍ତି ।

## ବିକାଶରେ ନିଆରା ଦୀପାବଳି

**ବରଗଡ଼ ଅଫିସ୍,୨୫।୧୦**

ଆଲୋକର ପର୍ବ ଦୀପାବଳିକୁ ବରଗଡ଼ର ବିକାଶ ଶିକ୍ଷାନୁଷ୍ଠାନ ପକ୍ଷରୁ ନିଆରା ଭାବେ ପାଳନ କରାଯାଇଛି। ଶିକ୍ଷାନୁଷ୍ଠାନ ପରିସର ଆଲୋକ ସାଜସଜ୍ଜାରେ ଝଲସି ଉଠିଥିବାବେଳେ ସନ୍ଧ୍ୟାରେ ଶାଶ୍ୱତ ତ୍ରିପାଠୀ ଏବଂ ସାଥୀଙ୍କ ଦ୍ୱାରା ଉକିଆ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ସମ୍ବଲପୁରୀ ଲୋକନୃତ୍ୟ ଡାଲଖାଇ, ରସରକେଲି, ମାଏଲାଝଡ଼ ଆଦି ନୃତ୍ୟ ଏବଂ ଲୋକଗୀତ ପରିବେଷଣ କରାଯାଇଥିଲା। ବିକାଶ ଛାତ୍ରାବାସର ଦୁଇ ହଜାର ଅନ୍ତେବାସୀ ଉପସ୍ଥିତ ଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ଯୋଗଦେଇ ଦୀପାବଳିକୁ ସବୁଜ ଦୀପାବଳି ଭାବେ ପାଳନ କରିବା ସହିତ ପ୍ରଦୂଷଣମୁକ୍ତ ପରିବେଶର ବାର୍ତ୍ତା ଦେଇଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି, ପ୍ରଦୀପ କୁମାର ସାହୁ, ବୋର୍ଡ଼ିଂ ହାଉସର ପାଷ୍ଟରାଲ କେୟାର ହେଡ୍ ନେଜଲିନ୍ ଫୋନସେକା ଏବଂ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ବିକାଶ ଗ୍ରାଉଣ୍ଡରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ହୋଇଥିଲା। ଏଥିରେ ଦ୍ୱାଦଶ ଶ୍ରେଣୀ ଟିମ୍ ବିଜୟୀ ହୋଇଥିଲା।

## ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ଆରମ୍ଭ



ମାଁ ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ଅବସରରେ କଳସ ଯାତ୍ରା ।

**ବରଗଡ଼ ଅଫିସ୍,୨୫।୧୦**

ବରଗଡ଼ ସହରରେ ସୋମବାରଠାରୁ ମାଁ ଶ୍ୟାମାକାଳୀଙ୍କ ୮୦ତମ ବାର୍ଷିକ ପୂଜା ଆରମ୍ଭ ହୋଇଛି। ପ୍ରଥମ ଦିବସରେ ସକାଳୁ ହଜାର ହଜାର ଶ୍ରଦ୍ଧାଳୁ ଜିରା ନଦୀରୁ ଜଳପୂର୍ଣ୍ଣ କଳସ ଏକ ଶୋଭାଯାତ୍ରାରେ ଆଣିଥିଲେ। ସେହିପରି ଜିରା ନଦୀରେ ଦିବଂଗତ ସ୍ୱାଧୀନତା ସଂଗ୍ରାମୀ, ଶହୀଦ ଏବଂ ଇହଧାମ ତ୍ୟାଗ କରିଥିବା ସ୍ଥାନୀୟ ନାଗରିକଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଇଥିଲା। ମନ୍ଦିରରେ ଶ୍ରଦ୍ଧାଳୁମାନେ ଜଳପୂର୍ଣ୍ଣ କଳସ ସ୍ଥାପନ କରିବା ପରେ ପୂଜାର୍ଚ୍ଚନା ସହିତ ସେହି ଜଳ ଦ୍ୱାରା ରାତିରେ ଦେବୀଙ୍କ ମହାସ୍ନାନ ହୋଇଥିଲା। ମଙ୍ଗଳବାର ସୂର୍ଯ୍ୟୋପରାଗ ଯୋଗୁ ଦେବନୀତି ନିଷେଧ ରହିଥିଲା। ୨୬ତାରିଖରୁ ଶ୍ୟାମେଶ୍ୱର ବାବାଙ୍କ ଅଭିଷେକ, ହନୁମାନ ଚାଲିଶା ପାଠ, ଦେବୀଙ୍କ ଉପଚାର ପୂଜା, ଚଣ୍ଡୀହୋମ ଆଦି କାର୍ଯ୍ୟକ୍ରମ ରହିଛି। ଆସନ୍ତା ୩୦ତାରିଖରେ ପୂର୍ଣ୍ଣାହୁତି ସହିତ ଛପନ ଭୋଗ କାର୍ଯ୍ୟକ୍ରମ ଅଛି ।

## ନିୟମିତ ନିଯୁକ୍ତି ଦାବିକଲା ଜିଆରଏସ୍ ସଂଘ



ଜିଆର୍‌ଏସ୍ ସଂଘର ବୈଠକ।

**ବରଗଡ଼ ଅଫିସ୍,୨୫।୧୦**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଗ୍ରାମ ରୋଜଗାର ସେବକ (ଜିଆରଏସ୍) ସଂଘର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶାନ୍ତନୁ ସାହୁ ସଭା ପରିଚାଳନା କରିଥିଲେ। ଗ୍ରାମ ରୋଜଗାର ସେବକମାନଙ୍କ ଚାକିରିକୁ ନିୟମିତ କରାଯାଉ ନ ଥିବାରୁ ସଭାରେ ଉଦବେଗ ପ୍ରକାଶ ପାଇଥିଲା। ଗ୍ରାମ ରୋଜଗାର ସେବକମାନେ ସରକାରଙ୍କ ନିଶ୍ଚିତ କର୍ମନିଯୁକ୍ତି ଯୋଜନାଠାରୁ ଆରମ୍ଭ କରି ଅନ୍ୟ ଯୋଜନାରେ ମଧ୍ୟ ଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି। ମାତ୍ର ସେମାନଙ୍କୁ ସରକାର ଅଣଦେଖା କରିଚାଲିଛନ୍ତି ବୋଲି ଅଭିଯୋଗ ହୋଇଥିଲା ଏବଂ ଗ୍ରାମ ରୋଜଗାର ସେବକଙ୍କ ଚାକିରିକୁ ନିୟମିତ କରିବାକୁ ସଭାରେ ଦାବି କରାଯାଇଥିଲା। ସଭାରେ ଗାଇସିଲେଟ ବ୍ଲକର ଗ୍ରାମ ରୋଜଗାର ସେବକମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାଣ ଫୁଟାଇବା ବେଳେ ଯୁବକ ଆହତ

**ଲହୁଣୀପଡ଼ା,୨୫।୧୦(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଡଲେଇସରା ପଞ୍ଚାୟତ ଧୋକାମୁଣ୍ଡା ଗ୍ରାମରେ ବାଣ ଫୁଟାଇ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ଦୀପାବଳୀ ଉପଲକ୍ଷେ ସୋମବାର ଧୋକାମୁଣ୍ଡା ଗ୍ରାମର କଳାକାର ନାଏକ (୨୪) ନିଜ ଘରେ ବାଣ ଫୁଟାଉଥିବା ବେଳେ ବାଣଟି ହଠାତ୍ ତାଙ୍କ ହାତରେ ଫୁଟିଯାଇ ଥିଲା। ଫଳରେ ତାଙ୍କ ବାମ ହାତ ପାପୁଲିଟି କ୍ଷତବିକ୍ଷତ ହୋଇଯାଇଛି। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ବାଣଫୁଟି ଲାଗିଲା ନିଆଁ

**ରାଉରକେଲା ଅଫିସ,୨୫।୧୦:** ଦୀପାବଳିରେ ବାଣଫୁଟି ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ବିରଜାପାଲି ଅଞ୍ଚଳର ଏକ ସୋଫା ଦୋକାନ ଓ ପ୍ଲାଣ୍ଟସାଇଟ ଅଞ୍ଚଳର ଏକ ଲୁଗା ଦୋକାନରେ ନିଆଁ ଲାଗିଥିଲା। ଏଥିରେ ବିଶେଷ କ୍ଷୟକ୍ଷତି ହୋଇ ନ ଥିବାବେଳେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଭୟ ସ୍ଥାନରେ ପହଞ୍ଚି ନିଆଁକୁ କାବୁ କରିଥିଲେ। ସୂଚନା ଅନୁସାରେ, ରାତି ସାଢ଼େ ୮ଟାରେ ବିରଜାପାଲି ଅଞ୍ଚଳରେ ଥିବା ଖୁସ୍‌ବୁ ସୋଫା ଦୋକାନରେ ବାଣଫୁଟି ନିଆଁ ଲାଗିଥିଲା। ସେହିପରି ପ୍ଲାଣ୍ଟସାଇଟ ଅଞ୍ଚଳରେ ଥିବା ଏକ ଲୁଗା ଦୋକନରେ ନିଆଁ ଲାଗି ଯାଇଥିଲା। ଫଳରେ କିଛି କପଡା ଜଳି ଯାଇଥିଲା। ଅଗ୍ନିଶମ ବିଭାଗ ପହଞ୍ଚି ଉକ୍ତ ନିଆଁକୁ ଆୟତ୍ତ କରିଥିଲା।

### ଜୁଆଖେଳ ଉପରେ ଚଢ଼ାଉ: ୧୪ ଗିରଫ

**ବ୍ରଜରାଜନଗର,୨୫।୧୦(ଡି.ଏନ.ଏ.):** ବ୍ରଜରାଜନଗର ଥାନା ଅନ୍ତର୍ଗତ ଗଙ୍ଗାନଗର ବସ୍ତିରେ ଜୁଆଖେଳ ଚାଲିଥିବା ସମୟରେ ପୋଲିସ ଚଢ଼ାଉ କରି ୧୪ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୪ହଜାର ୨୦୦ଟଙ୍କା ସହ ୯ମୋବାଇଲ ଜବତ କରାଯାଇଛି। ସେହିପରି ଓରିଏଣ୍ଟ ଥାନା ସିତରା ହୋଟେଲରେ ପୋଲିସ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିଛି।

### ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ତିତ୍‌ଲି କାର୍ଯ୍ୟକ୍ରମ

**ସମ୍ବଲପୁର,୨୫।୧୦(ବ୍ୟୁରୋ):** ଆଦର୍ଶ ଅନୁଷ୍ଠାନ ପକ୍ଷରୁ ତିତ୍‌ଲି କାର୍ଯ୍ୟକ୍ରମ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପ୍ରଦୀପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ବିଶ୍ୱବିଦ୍ୟାଳୟର ଯୁବତୀଯୁବକ ଓ ବିଭିନ୍ନ ଶିଶୁ କ୍ଲବର ପ୍ରତିନିଧିମାନେ ଲୁକ୍କାୟିତ ପ୍ରତିଭା ପ୍ରଦର୍ଶିତ କରିଥିଲେ। ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି, ରାଜେନ୍ଦ୍ର କୁମାର ପଣ୍ଡା, ଡ. ବିଶ୍ୱମୋହନ ଜେନା, ପ୍ରିୟମ୍ବଦା ଗୁରୁ, ବ୍ରଜେନ୍ଦ୍ର କିଶୋର ପଣ୍ଡା, ଶିବ ଶଙ୍କର ନନ୍ଦ, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ସୂର୍ଯ୍ୟ ପାଣିଗ୍ରାହୀ, ଡ. ସତ୍ୟନାରାୟଣ ଠାକୁର ସମ୍ମାନିତ ଅତିଥି ଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ବଳ, ପରମଜ୍ୟୋତି ବିଦ୍ୟା ନିକେତନ ଓ ଖବରଦାତା ସୁକାନ୍ତ କୁମାର କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟ, ଗୀତ ପରେ ଯୁଦ୍ଧ ନୁହେଁ, ବିଶ୍ୱ ଶାନ୍ତି ଚାହେଁ ଶୀର୍ଷକ ଥିମକୁ ନେଇ ସମସ୍ତେ ଶପଥପାଠ କରିଥିଲେ। ରାମାଶିଷ ତ୍ରିପାଠୀ ଓ ପ୍ରଫୁଲ୍ଲ କୁମାର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସବୁଜିମା ହେଲା କୁର୍ଲାଡୁଙ୍ଗରୀ ଲଣ୍ଡା ପାହାଡ଼



ପାହାଡ଼ରେ ବିଭିନ୍ନ ବୃକ୍ଷରାଜି।



ବନସୁରକ୍ଷା ସମିତିର ସଦସ୍ୟବୃନ୍ଦ।

**ସୁନ୍ଦରଗଡ,୨୫।୧୦(ଡି.ଏନ.ଏ.)**

- ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ସାଗରପାଲି ବନ ସୁରକ୍ଷା ସମିତି
- ଦୀର୍ଘ ବର୍ଷର ପରିଶ୍ରମ ଓ ଗୋଷ୍ଠୀ ସହଭାଗିତାର ସଫଳ କାହାଣୀ

ପ୍ରକୃତିଦତ୍ତ ବହୁମୂଲ୍ୟ ସମ୍ବଳ ହେଉଛି ଆମର ଜଙ୍ଗଲ ସମ୍ପଦ। ଆଦିବାସୀମାନେ ମୁଖ୍ୟତଃ ଏହି ଜଙ୍ଗଲ ସମ୍ପଦ ଉପରେ ନିର୍ଭର କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି । ତେବେ ଜଗତୀକରଣ, ଜନସଂଖ୍ୟା ବୃଦ୍ଧି, ଶିଳ୍ପାୟନ ଇତ୍ୟାଦି କାରଣ ଯୋଗୁ ଅଧିକାଂଶ ଜଙ୍ଗଲ ଏବେ ଧ୍ୱଂସାଭିମୁଖୀ। ଏହି ଜଙ୍ଗଲ ସମ୍ପଦର ସୁରକ୍ଷା ନିମନ୍ତେ ବିଭିନ୍ନ ସ୍ତରରେ ବିଭିନ୍ନ ପ୍ରୟାସ କରାଯାଉଥିବା ବେଳେ କୁର୍ଲାଡୁଙ୍ଗରୀ ଲଣ୍ଡା ପାହାଡକୁ ଘଞ୍ଚ ଜଙ୍ଗଲପୂର୍ଣ୍ଣ ସବୁଜ ବନାନୀରେ ପରିଣତ କରି ଏକ ନିଆରା ଦୃଷ୍ଟାନ୍ତ ସୃଷ୍ଟି କରିଛି ସୁନ୍ଦରଗଡ ବନଖଣ୍ଡ ଅନ୍ତର୍ଗତ ଉଜ୍ଜଳପୁର ବନାଞ୍ଚଳର ସାଗରପାଲି ବନ ସୁରକ୍ଷା ସମିତି।

ବହୁ ବର୍ଷ ପୂର୍ବେ ବସତି ସ୍ଥାପନ ହୋଇଥିବା ସାଗରପାଲି ଗ୍ରାମକୁ ଆଜି ପର୍ଯ୍ୟନ୍ତ ରାଜସ୍ୱ ଗ୍ରାମର ମାନ୍ୟତା ମିଳିନାହିଁ। ତେବେ ୧୯୫୬ ମସିହାରୁ ଗ୍ରାମରେ ଜଙ୍ଗଲ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଇ ଗ୍ରାମ୍ୟସ୍ତରୀୟ କମିଟି ଗଠନ କରାଯାଇଥିଲା। ୧୯୭୫ ମସିହାରେ ଗ୍ରାମର ସାଗର ଯୁବକ ସଂଘର ସଭ୍ୟାସଭ୍ୟ ଜଙ୍ଗଲ କାଟିବା ନେଇ କଟକଣା ଜାରି କରି ଜଙ୍ଗଲ ସୁରକ୍ଷା ପାଇଁ ନିୟମାବଳୀ ପ୍ରସ୍ତୁତ କରିଥିଲେ। ୧୯୯୩-୯୪ ମସିହାରେ ସାଗରପାଲି ବନ ସୁରକ୍ଷା ସମିତି ଗଠନ କରାଯାଇ ସୁନ୍ଦରଗଡ ବନଖଣ୍ଡରେ ପଞ୍ଜୀକରଣ କରାଯାଇଥିଲା। ସେ ସମୟରେ ୧୨୧.୪୧ ହେକ୍ଟର ପରିମିତ ତଥା ଦୀର୍ଘ ୮.୪ କିଲୋମିଟର ଲମ୍ବର କୁର୍ଲାଡୁଙ୍ଗରୀ ପାହାଡ ଅବାଧ ଗଛକଟା ଯୋଗୁ ସମ୍ପୂର୍ଣ୍ଣ ଭାବରେ ଲଣ୍ଡା ହୋଇ ଯାଇଥିଲା। ସାଗରପାଲି ଗ୍ରାମବାସୀଙ୍କ ସାମୁହିକ ଏକତା, ସହଭାଗିତା, ଶ୍ରମଦାନ, ବୃକ୍ଷରୋପଣ, ଠେଙ୍ଗାପାଳି ବ୍ୟବସ୍ଥା ତଥା ଜଙ୍ଗଲ ବିଭାଗର ସହାୟତା ଦ୍ୱାରା ଆଜି ଏହି କୁର୍ଲାଡୁଙ୍ଗରୀ ପାହାଡର ପୁନଃରୁଦ୍ଧାର ସମ୍ଭବପର ହୋଇଛି। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନିମନ୍ତେ ଗ୍ରାମର ଯୁବଗୋଷ୍ଠୀଙ୍କୁ ନେଇ ଏକ ସ୍ୱତନ୍ତ୍ର ନିଆଁଲିଭା ଦଳ ଗଠନ କରାଯାଇଛି। ବନ ସୁରକ୍ଷା ସମିତି ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଗୋପାଳନ, ଜିଆଖତ, ମାଣ୍ଡିଆ ଚାଷ, ହଳଦୀ ଚାଷ, ଛତୁଚାଷ ଇତ୍ୟାଦି ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ କରାଯାଇ ଜଙ୍ଗଲ ଉପରେ ନିର୍ଭରଶୀଳତା କମାଯାଇଛି। ବର୍ତ୍ତମାନ ଏହି ପାହାଡ ଶାଳ, ପିଆଶାଳ, ମହୁଲ, ଚାର, ନିମ୍ବ, ସୁନାରୀ ଇତ୍ୟାଦି ଗଛ ତଥା ହରିଡା, ବାହାଡା, ଅଁଳା, ବାସଙ୍ଗ, ଆକାଣ୍ଡବିନ୍ଧି, ଶତାବରୀ, ଭୂଇଁନିମ୍ବ ଓ ବଜ୍ରମୂଳି ପରି ଔଷଧୀୟ ବୃକ୍ଷରାଜିରେ ପରିପୂର୍ଣ୍ଣ ହୋଇଛି । ଏହାଛଡା ବାର୍‌ହା, ହନୁ ମାଙ୍କଡ, ଠେକୁଆ, ଝିଙ୍କ, ବିଲୁଆ ପରି ବନ୍ୟଜନ୍ତୁ ତଥା ବିଭିନ୍ନ ପ୍ରଜାତିର ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଛି । କହିବାକୁ ଗଲେ କୁର୍ଲାଡୁଙ୍ଗୁରି ପାହାଡ ଜଙ୍ଗଲ ସୁରକ୍ଷାର ଏକ ସଫଳ କାହାଣୀର ବାର୍ତ୍ତା ବହନ କରୁଛି । ନୂଆ କିଛି କରିବାର ପ୍ରୟାସ, ନୂଆ ଆଶା ଓ ବିଶ୍ୱାସ, ନୂତନ ଜୀବିକାର ସନ୍ଧାନ ତଥା ଗୋଷ୍ଠୀ ଏକତା ଓ ସହଭାଗିତା ମାଧ୍ୟମରେ ଜଙ୍ଗଲ ସୁରକ୍ଷା ଦ୍ୱାରା ସାଗରପାଲି ବନ ସୁରକ୍ଷା ସମିତି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି । ଏପରି କି ଅନ୍ୟ ବନ ସୁରକ୍ଷା ସମିତି ପାଇଁ ପ୍ରେରଣାର ଉତ୍ସ ପାଲଟିଛି ବୋଲି ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାଶେ କହିଛନ୍ତି।

## ରାସ୍ତା ଅବରୋଧ ମାମଲାରେ ୨ ଗିରଫ

**ଝାରସୁଗୁଡ଼ା ଅଫିସ,୨୫।୧୦**

ରାସ୍ତା ଅବରୋଧ ମାମଲାରେ ବନ୍ଧବାହାଲ ପୋଲିସ୍ ୨ ଯୁବକଙ୍କୁ ଗିରଫକରି ସୋମବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଆକୁଳ ସ୍ୱାଇଁ (୩୫) ଓ ପ୍ରହ୍ଲାଦ ଖମାରୀ (୨୫)। ସୂଚନାଯୋଗ୍ୟ ଗତ ଅଗଷ୍ଟରେ ବନ୍ଧବାହାଲରେ ଜଣେ ମାଂସ ଦୋକାନୀ ଛେଳିମୁଣ୍ଡକୁ ତ୍ରିରଙ୍ଗା ପତାକାରେ ଘୋଡାଇ ଅସମ୍ମାନ କରିଥିଲେ। ସ୍ଥାନୀୟ ଲୋକେ ଏହାର ପ୍ରତିବାଦକରି ସମ୍ପୃକ୍ତ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ରାସ୍ତା ଅବରୋଧ କରିଥିଲେ। ଏ ନେଇ ପୋଲିସ୍ ସେତେବେଳେ ରାସ୍ତା ଅବରୋଧକାରୀଙ୍କ ବିରୋଧରେ ବନହରପାଲି ଥାନାରେ ମାମଲା (ନଂ୧୮୪/୨୨) ରୁଜୁ କରିଥିଲା। ପୋଲିସ୍ ଗିରଫଦାରି ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

## ନାରୀନେତ୍ରୀଙ୍କୁ ସାମାଜିକ ଗଣମାଧ୍ୟମରେ ଗାଳିଗୁଲଜ

**ସମ୍ବଲପୁର,୨୫।୧୦(ବ୍ୟୁରୋ)**

ସମ୍ବଲପୁର ବିଜେଡି ନେତ୍ରୀ ସୁରେଖା ସାହୁଙ୍କୁ ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ ସାମାଜିକ ଗଣମାଧ୍ୟମରେ ଫେକ୍ ଆକାଉଣ୍ଟ ଖୋଲି କେହି ବ୍ୟକ୍ତି ସୁରେଖା ଓ ତାଙ୍କ ପରିବାରକୁ ଅସଭ୍ୟ ଭାଷାରେ ଗାଳିଗୁଲଜ ପୋଷ୍ଟ କରିଛନ୍ତି।

# ପ୍ରିୟମ୍ବଦା ପାଇଲେ ବ୍ରୋଞ୍ଜ ପଦକ

**ସୁନ୍ଦରଗଡ,୨୫।୧୦(ଡି.ଏନ.ଏ.)**

**୧୦ତମ ସିନିୟର ଜାତୀୟ ପେଞ୍ଚକ ସିଲଟ ପ୍ରତିଯୋଗିତା**




ବ୍ରୋଞ୍ଜ ପଦକ ବିଜେତା ପ୍ରିୟମ୍ବଦା।

ଶେରି କାଶ୍ମୀର ଇଣ୍ଡୋର ସ୍ପୋର୍ଟସ କମ୍ପ୍ଲେକ୍ସ ଶ୍ରୀନଗର, କାଶ୍ମୀରରେ ଗତ ୨୧ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିଥିବା ୧୦ତମ ସିନିୟର ଜାତୀୟ ପେଞ୍ଚକ ସିଲଟ ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲାରୁ ପାଞ୍ଚ ଜଣ ସିନିୟର ଖେଳାଳି ଭାଗ ନେଇଥିଲେ । ପ୍ରତିଯୋଗିତାରେ ୩୪ଟି ରାଜ୍ୟରୁ ୧୨୦୦ ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗର ଭିନ୍ନ ଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ । ସୁନ୍ଦରଗଡ଼ ଜିଲା ଖେଳାଳିମାନଙ୍କ ମଧ୍ୟରୁ ପ୍ରିୟମ୍ବଦା ପ୍ରଧାନ ଭଲ ଖେଳ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କରି ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ସେ ଟୁଙ୍ଗଲ'ବିଭାଗରେ ଉତ୍ତମ ଖେଳ ପ୍ରଦର୍ଶନ କରି ରାଜ୍ୟ ପାଇଁ ପଦକ ଜିତିଛନ୍ତି । ତାଙ୍କୁ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଓଡ଼ିଶା ପେଞ୍ଚକ ସିଲଟ ସଭାପତି ତାପସ ରାୟ ଚୌଧୁରୀ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂହ ଥାପା, ଜିଲା ସାଧାରଣ ସମ୍ପାଦକ ଶରତ କୁମାର ଦାସ, ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ, ଜିଲାର ଅଗ୍ରଣୀ ଅନୁଷ୍ଠାନ ଜନସେବା ସମିତିର ସୁଶାନ୍ତ କୁମାର ଷଡ଼ଙ୍ଗୀଙ୍କ ସମେତ ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି ।

# ନବଜାତ ଶିଶୁପୁତ୍ର ମୃତଦେହ ମାଟିତଳୁ ଜବତ

**ଲହୁଣୀପଡା,୨୫।୧୦(ଡି.ଏନ.ଏ.)**

**ଗ୍ରାମରେ ଉତ୍ତେଜନା**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କୁରଡ଼ା ପଞ୍ଚାୟତ ଜଳଡିହି ଗ୍ରାମର କେନାଲ ହୁଡ଼ାରୁ ମଙ୍ଗଳବାର ପୋଲିସ ଏକ ନବଜାତ ଶିଶୁ ପୁତ୍ରର ମୃତଦେହ ଜବତ କରିଛି । ଏନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସକାଳ ପ୍ରାୟ ୯ଟା ସମୟରେ ଜଳଡିହି ଗ୍ରାମର କେତେଜଣ ବ୍ୟକ୍ତି ଗାଈ ଓ ଛେଳି ଚରାଇ ନେବା ସମୟରେ କେନାଲ ହୁଡ଼ାରେ ପୋତା ଯାଇଥିବା ଏକ ଶିଶୁର ହାତ ବାହାରକୁ ଦେଖା ଯାଉଥିବାର ଦେଖି ଗ୍ରାମରେ ଜଣାଇଥିଲେ । ଗ୍ରାମବାସୀଙ୍କ ଠାରୁ ଖବରପାଇ ଲହୁଣୀପଡ଼ା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଥିଲେ। ମାଜିଷ୍ଟ୍ରେଟ ଭାବେ ଲହୁଣୀପଡ଼ା ଅତିରିକ୍ତ ତହସିଲଦାର ଲୋକେଶ କୁମାର ରଥ ପହଞ୍ଚିବା ପରେ ତାଙ୍କ ଉପସ୍ଥିତରେ ମାଟି ତଳୁ ଶିଶୁର ମୃତଦେହ ବାହାର କରାଯାଇଥିଲା। କେହି ଯୁବତୀ ଶିଶୁକୁ ଜନ୍ମ ଦେବା ପରେ ହତ୍ୟା କରି ତରବରିଆ ଭାବେ କେନାଲ ହୁଡ଼ାରେ ଅଳ୍ପ ଗାତ ଖୋଳି ପୋତିଦେଇ ପଳାଇ ଯାଇଥିବା ସନ୍ଦେହ ହୋଇଥିଲା । ଏଭଳି କାଣ୍ଡକୁ ନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା । ଭ୍ରୁଣ ହତ୍ୟା କରିଥିବା ପରିବାରକୁ ଚିହ୍ନଟ କରି ଉପଯୁକ୍ତ ଦଣ୍ଡ ଦିଆଯାଉ ବୋଲି ଗ୍ରାମବାସୀ ପୋଲିସ ନିକଟରେ ଦାବି କରିଥିଲେ। ପୋଲିସ ଶିଶୁର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନାକୁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

## ଡା. ବିପି ମିଶ୍ର ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

**ସମ୍ବଲପୁର,୨୫।୧୦(ବ୍ୟୁରୋ)**

ବିଶିଷ୍ଟ ଡାକ୍ତର ବିପି ମିଶ୍ର ସ୍ମୃତି କମିଟି ପକ୍ଷରୁ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ସାକ୍ଷିପଡାଠାରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ନଭେମ୍ବର ୧୪ ତାରିଖ ସନ୍ଧ୍ୟା ୬ଟାରେ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଜୟନ୍ତୀ ସଭା କରିବା ପାଇଁ ସ୍ଥିରୀକୃତ କରାଯାଇଛି। ବୈଠକ ଅନ୍ୟମାନଙ୍କ ମଧ୍ୟରେ କମିଟି ସମ୍ପାଦକ ପ୍ରଫୁଲ୍ଲ ହୋତା, ଯୁଗ୍ମ ସମ୍ପାଦକ ଚକ୍ରଧର ମିଶ୍ର, କୋଷାଧ୍ୟକ୍ଷ ଉଦ୍ଧବ ଚରଣ ମହାପାତ୍ର, ପ୍ରଫେସର ବ୍ରଜମୋହନ ମିଶ୍ର, ଡା. ପ୍ରମୋଦ ପୁରୋହିତ, ସଭ୍ୟ ପ୍ରଶାନ୍ତ ମିଶ୍ର, ଡାକ୍ତର ତନୁଜ ରଞ୍ଜନ ମିଶ୍ର, ସୁଧିର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରୋଟାରୀ କ୍ଲବ ପକ୍ଷରୁ ବିଶ୍ୱ ପୋଲିଓ ଦିବସ

**ସୁନ୍ଦରଗଡ,୨୫।୧୦(ଡି.ଏନ.ଏ.)**

ସୁନ୍ଦରଗଡ ଟାଉନ ରୋଟାରୀ କ୍ଲବ ପକ୍ଷରୁ ସୋମବାର ବିଶ୍ୱ ପୋଲିଓ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କ୍ଲବର ସଦସ୍ୟ ମାନେ ଏକ ପଥପ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପୋଲିଓ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ବିଶ୍ୱରୁ ପୋଲିଓ ରୋଗ ସମ୍ପୂର୍ଣ୍ଣ ମୂଳୋତ୍ପାଟନ ସକାଶେ ବକ୍ତାମାନେ ଆହ୍ୱାନ କରିଥିଲେ। କ୍ଲବ ସଭାପତି ରୋଟାରିଆନ ଡା. ଦିଲିପ କୁମାର ଷଡ଼ଙ୍ଗୀ ଓ ସମ୍ପାଦକ ରୋଟାରିଆନ ବାଳଗୋପାଳ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଡ.ଚିରବ୍ରତ ଦତ୍ତ, ସୁରେଶ ପୃଷ୍ଟି, ଦୀନବନ୍ଧୁ ଭିତ୍ରିଆ, ବିଶ୍ୱ ହୋତା ପ୍ରମୁଖ ପରିଚାଳନା କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟ ଓ ଅନ୍ୟମାନେ ।

## ବିଦ୍ୟୁତ୍ ତାର ଜବତ : ୪ କୋର୍ଟ ଚାଲାଣ

**ଲହୁଣୀପଡା,୨୫।୧୦(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ କେନାପଲି ଗ୍ରାମରୁ ବିଦ୍ୟୁତ୍ ତାର ଚୋରି କରିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କ ଠାରୁ ପ୍ରାୟ ଦେଢ କୁଇଣ୍ଟାଲ ତାର ଜବତ ହୋଇଛି । ପ୍ରକାଶ ଯେ, ରବିବାର ବିଳମ୍ବିତ ରାତିରେ ଚୋରମାନେ କେନାପଲି ଗ୍ରାମରୁ ନିକଟସ୍ଥ ଥେଣ୍ଟେଇପୋଷ ଗ୍ରାମକୁ ଯାଇଥିବା ବିଦ୍ୟୁତ ଖୁଣ୍ଟରେ ଚଢି ତାର କାଟି ନେଇ ଜଣଙ୍କ ଘରେ ଏହାକୁ ଛୋଟ ଖଣ୍ଡ ଖଣ୍ଡ କରି ବସ୍ତାରେ ରଖୁଥିଲେ। କୌଣସି ସୂତ୍ରରୁ ଖବର ପାଇ ଲହୁଣୀପଡ଼ା ପୋଲିସ ଚଢ଼ାଉ କରି ଘଟଣାସ୍ଥଳରୁ ଦୁଇଜଣ ଯୁବକଙ୍କୁ ଉଠାଇ ଆଣି ପଚରାଉଚରା କରିଥିଲା। ଏହି ଘଟଣାରେ କେନାପଲି ଗ୍ରାମର ମୁନା ସେଠୀ, ସୁନୀଲ ସେଠୀ, (୨୧), ଗୋପାଳ କୃଷ୍ଣ ସାମନ୍ତ (୩୪) ଏବଂ ଦିବ୍ୟ ଶଙ୍କର ସାମନ୍ତଙ୍କୁ ଗିରଫ କରାଯାଇଛି । ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଦିବ୍ୟାଙ୍ଗ ସେବାକେନ୍ଦ୍ର ପକ୍ଷରୁ ଦୀପାବଳି

**ନାକଟିଦେଉଳ,୨୫।୧୦(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଗଞ୍ଜାବାହାଲଠାରେ ଥିବା ଦିବ୍ୟାଙ୍ଗ ସେବା କେନ୍ଦ୍ରରେ ଆଲୋକର ପର୍ବ ଦୀପାବଳି ପାଳିତ ହୋଇଯାଇଛି। ଆଖପାଖ ଗ୍ରାମର ୫୦ଜଣ ଛୋଟ ପିଲା ଏଥିରେ ସାମିଲ ହୋଇଥିଲେ। ସେବା କେନ୍ଦ୍ରକୁ ରଙ୍ଗିନ ଆଲୋକମାଳାରେ ସଜାଯାଇଥିବା ବେଳେ ଚତୁଃପାର୍ଶ୍ୱରେ ଦ୍ୱୀପ ପ୍ରଜ୍ଜ୍ୱଳନ କରାଯାଇଥିଲା। ସେବାକେନ୍ଦ୍ର ମୁଖ୍ୟ ହରେକୃଷ୍ଣ ବିଶିଙ୍କ ପରିଚାଳନାରେ ଆୟୋଜିତ ଉତ୍ସବରେ ସୁଜିତ କୁମାର ବେହେରା, କ୍ଷେତ୍ରବାସୀ ପ୍ରଧାନ, ଶିକୁନ ଧଳ, ଗୋପୀନାଥ ବିଶି, ମିନକେତନ ଧଳ ସହଯୋଗ କରିଥିଲେ।

# ଡକାୟତି ଉଦ୍ୟମ ବିଫଳ, ୫ ଗିରଫ

**ରାଉରକେଲା ଅଫିସ,୨୫।୧୦**

ଡକାୟତି ଉଦ୍ୟମ ବେଳେ ପ୍ଲାଣ୍ଟସାଇଟ୍ ପୋଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶନି ଲାକ୍ରା, ଆକାଶ ରାୟ, ନିଖିଲ ସିଂ, କୁନ୍ଦନ ଶର୍ମା ଓ ରମେଶ ବେଶ୍ରା। ସେମାନଙ୍କୁଠାରୁ ଗୋଟିଏ ବନ୍ଧୁକ, ଦୁଇଟି ବମ୍, ଗୋଟିଏ ମୋବାଇଲ, ଛୁରି ଏବଂ ଏକ ନମ୍ବର ବିହିନ ଗାଡିକୁ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୪୨୯।୨୨) ରୁଜୁ କରି ମଙ୍ଗଳବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ସୋମବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ପ୍ଲାଣ୍ଟସାଇଟ୍ ଥାନା ଗୋପବନ୍ଧୁପାଲି ଅଞ୍ଚଳରେ ଡକାୟତି ପାଇଁ ଯୋଜନା କରୁଥଲେ। ଏହି ସମୟରେ କୌଣସି ସୂତ୍ରରୁ ଖବର ପାଇ ପ୍ଲାଣ୍ଟସାଇଟ୍ ଥାନାଧିକାରୀ ସନ୍ତୋଷ କୁମାର ଜେନା ସଦଳବଳ ଚଢ଼ାଉ କରିଥିଲେ। ଉକ୍ତ ଦୁର୍ବୃତ୍ତମାନେ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା।




ଗିରଫ ଅଭିଯୁକ୍ତଙ୍କୁ ହାଜର କରାଯାଇଛି।

# ସହରାଭିମୁଖୀ ହାତୀପଲ, ଲୋକେ ଆତଙ୍କିତ

**ରାଉରକେଲା ଅଫିସ,୨୫।୧୦**



ହାତୀପଲ ଧାନଜମିରେ ପଶି ଫସଲ ନଷ୍ଟ କରୁଛନ୍ତି।

ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟରୁ ଏକ ୨୨ ଟିକିଆ ହାତୀପଲ ଓଡ଼ିଶା ସୀମାନ୍ତ ବିଶ୍ରା ଥାନା ସନ୍ତୋଷପୁର ରିଜର୍ଭ ଫରେଷ୍ଟ ରେଞ୍ଜକୁ ପଶିଆସିଛନ୍ତି। ଉକ୍ତ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗତ ସୋମବାର ଷ୍ଟିଲସିଟି ରାଉରକେଲା ସହର ଉପକଣ୍ଠ ବନ୍ଧମୁଣ୍ଡା ପ୍ରେମନଗର ଜଙ୍ଗଲକୁ ଚାଲିଆସିବା ପରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଏହି ହାତୀପଲରେ ୨୨ଟି ହାତୀ ମଧ୍ୟରୁ ୭ଟି ଛୁଆ ହାତୀ ରହିଥିବା ରାଉରକେଲା ବନ ଅଧିକାରୀ ଜଶୋବନ୍ତ ସେଠୀ ସୂଚନା ଦେଇଛନ୍ତି। ବନ ବିଭାଗ ପକ୍ଷରୁ ବନ୍ଧମୁଣ୍ଡା ଆଖପାଖ ପ୍ରେମନଗର ତଳିଅଞ୍ଚଳ ଓ ଅନ୍ୟ ଅଞ୍ଚଳର ବସ୍ତିବାସୀଙ୍କୁ ମାଇକ୍ ଯୋଗେ ସତର୍କ ସୂଚନା ଦିଆଯିବା ସହ ସହର ଭିତରକୁ ହାତୀପଲ ଯେପରି ପଶି ନ ଯିବେ ସେଥିପାଇଁ ବନ କର୍ମଚାରୀଙ୍କୁ ସଜାଗ ରଖାଯାଇଥିଲା। ବନ କର୍ମଚାରୀମାନେ ବାଣ ଫୁଟାଇବା ସହ ବିଭିନ୍ନ କୌଶଳ ଆପଣାଇ ସୋମବାର ସନ୍ଧ୍ୟା ସାଢ଼େ ୫ଟାରେ ହାତୀପଲକୁ ଘଉଡ଼ାଇବାରେ ସକ୍ଷମ ହୋଇଥିଲେ। ଏହି ହାତୀପଲ ବିଶ୍ରା ସନ୍ତୋଷପୁର ଓ ପ୍ରେମନଗର ଅଞ୍ଚଳରେ ଧାନ ଫସଲକୁ ନଷ୍ଟ କରିଦେଇଛନ୍ତି। ଯେଉଁ ଚାଷୀମାନଙ୍କର ଫସଲ ନଷ୍ଟ ହୋଇଛି ସେମାନଙ୍କୁ ଖୁବ୍‌ଶୀଘ୍ର ସରକାରଙ୍କ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ରାଉରକେଲା ବନ ଅଧିକାରୀ ସେଠୀ ସୂଚନା ଦେଇଛନ୍ତି।

**ବାର୍ଦ୍ଧକ୍ୟ ଆବାସରେ ଦୀପାବଳି ପାଳିତ**

ଦେଓଗାଁ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ବାର୍ଦ୍ଧକ୍ୟ ଆବାସରେ ଦୀପାବଳି ପାଳିତ ହୋଇଯାଇଛି। ମୁଖ୍ୟ ପରିଚଳକ ଶିବ ପ୍ରସାଦ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ସମ୍ମାନିତ ଅତିଥି ରବିଚନ୍ଦ୍ର ପଶାୟତ, ଜିଲା ରେଡକ୍ରସ ସୋସାଇଟି ସଦସ୍ୟ ରାମ ନାରାୟଣ ଦାସ, ରାମ ଶଙ୍କର ଶତପଥୀ, ଚନ୍ଦ୍ରଶେଖର ସେଠ, ମିନକେତନ ଡାଙ୍ଗ ପ୍ରମୁଖ ଯୋଗଦେଇଥିଲେ। ସାମାଜିକ କର୍ମୀ ନିତ୍ୟାନନ୍ଦ ଷଡଙ୍ଗୀ, ମଣ୍ଟୁ ସାମଲ, ରମାକାନ୍ତ ସାହୁ, ଚତୁର୍ଭୁଜ ସାହୁ, ସଞ୍ଜୁ ବିଶ୍ୱାଳ ଏଥିରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଆମ୍ବେଦକର ପାଠଶାଳା ଆରମ୍ଭ

ଲାଠୋର,୨୫।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ପଡ଼ାରେ ସାବେତ୍ରୀ ଆମ୍ବେଦକର ବିର୍ସା ସାମାଜିକ ପରିବର୍ତ୍ତନ(ସାବାସ)ସଂଗଠନ ଆନୁକୂଲ୍ୟରେ ଆମ୍ବେଦକର ପାଠଶାଳା ଆରମ୍ଭ ହୋଇଛି। ଗ୍ରାମ ତଥା ଅଖପାଖ ଗ୍ରାମରେ ଉନ୍ନତ ମାନର ଶିକ୍ଷାରୁ ବଞ୍ଚିତ ହରିଜନି, ଆଦିବାସୀ, ପଛୁଆ ବର୍ଗ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ପିଲାଙ୍କୁ ସାବାସ ସଂଗଠନ ମାଗଣା ଶିକ୍ଷାଦାନ ବ୍ୟବସ୍ଥା କରିଛି। ବର୍ତ୍ତମାନ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଶିକ୍ଷାଦାନ ଦିଆଯାଉଥିବା ବେଳେ ଆଗାମୀ ଦିନରେ ସେମାନଙ୍କୁ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ଏବଂ ସରକାରୀ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରାଯିବା ଲକ୍ଷ୍ୟ ରହିଛି। ଶିକ୍ଷାଦାନ ଦେବାରେ ସଂଗଠନ ସଦସ୍ୟ ବିଶ୍ୱହରୀ ପ୍ରସାଦ ନାଗ, ରୋହିତ ବୋଏ ଦାୟିତ୍ୱ ବହନ କରିଛନ୍ତି। ଆଗକୁ ସଂଗଠନର ଅନ୍ୟ ସଦସ୍ୟମାନେ ମଧ ପାଠ ପଢାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ସଂଗଠନର ଏପରି କାର୍ଯ୍ୟକୁ ବିଭିନ୍ନ ସଂଗଠନ ତଥା ସାଧାରଣ ଲୋକେ ପ୍ରଶଂସା କରିଛନ୍ତି।

### ପୋଖରୀରେ ଫସିଥିବା ହାତୀ ୫ ଘଣ୍ଟା ପରେ ଉଦ୍ଧାର

ଭବାନୀପାଟଣା/ଲାଞ୍ଜିଗଡ଼, ୨୫।୧୦(ସ୍ୱ.ପ୍ର./ଡିଏନ୍.ଏ): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦୁର୍ଗମ ଅଞ୍ଚଳରେ ହାତୀଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢିଚାଲି ଥିବା ବେଳେ ସନ୍ଧ୍ୟା ହେଲେ ହାତୀପଲ ଗାଁ ମୁହାଁ ହେଉଛନ୍ତି। ସେତିକିବେଳେ ହାତୀପଲ ଫସଲ ନଷ୍ଟ କରିବା ସହ ଲୋକଙ୍କ ଘର ଦ୍ୱାର ଭାଙ୍ଗି ଦେଉଛନ୍ତି। ରବିବାର ବିଳମ୍ବିତ ରାତିରେ ଏକ ହାତୀପଲ ବିଶ୍ୱନାଥପୁର ରେଞ୍ଜ ଅଧୀନ କିଡିଙ୍ଗ ଗାଁ ନିକଟସ୍ଥ ଖରଡିଆପଡାକୁ ଆସିଥିବା ବେଳେ ଏକ ହାତୀ ଗାଁ ପୋଖରୀରେ ଫସି ଯାଇଥିଲା। ସୋମବାର ସକାଳୁ ଗାଁ ଲୋକେ ଶୌଚ ପାଇଁ ଯାଇଥିବା ବେଳେ ପୋଖରୀରେ ହାତୀ ଫସି ରହିଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀ ବିଶ୍ୱନାଥପୁର ରେଞ୍ଜର ନରୋତ୍ତମ ମାଝିଙ୍କୁ ଖବର ଦେଇଥିଲେ। ଖବର ପାଇ ରେଞ୍ଜର ମାଝିଙ୍କ ସହ ବନବିଭାଗ ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଦୀର୍ଘ ୫ ଘଣ୍ଟାର ପରିଶ୍ରମ ପରେ ହାତୀକୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ହାତୀ ଜଙ୍ଗଲ ଭିତରକୁ ଚାଲି ଯାଇଥିବା ରେଞ୍ଜର ମାଝି କହିଛନ୍ତି।


ପୋଖରୀରେ ପଡି ଫସିଥିବା ହାତୀ।

# ଅବ୍ୟବସ୍ଥାକୁ ନେଇ କଳାକାର ଅସନ୍ତୋଷ

**ଦେଓଗାଁ ବ୍ଲକ**

■କଳାକାର ଭତ୍ତା ହିତାଧିକାରୀ ଚୟନ ପାଇଁ ଅଡିଶନ

ଦେଓଗାଁ,୨୫।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବରିଷ୍ଠ କଳାକାର ଭତ୍ତା ହିତାଧିକାରୀ ଚୟନ ପାଇଁ ହୋଇଥିବା ଅଡିସନର ପ୍ରଥମ ଦିବସ ମଙ୍ଗଳବାର ନାନା ଅବ୍ୟବସ୍ଥା ହୋଇଥିବା ଅଭିଯୋଗ ହୋଇଛି । ଏହିଦିନ ୧୩ନଂ ଜୋନର ବିଭିନ୍ନ ବର୍ଗର ବରିଷ୍ଠ କଳାକାରମାନଙ୍କୁ ନେଇ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କିନ୍ତୁ ଏଥିରେ ବ୍ଲକ ପ୍ରଶାସନ ପକ୍ଷରୁ କଳାକାରମାନଙ୍କ ରହିବା, ପେଣ୍ଡାଂ, ପାନୀୟ ଜଳ ସୁବିଧାର ଓ ବସିବା ପାଇଁ ଛାୟାର ବ୍ୟବସ୍ଥା କରାଯାଇ ନ ଥିଲା। ଏହାକୁ ନେଇ ଅଡିସନ ପାଇଁ ଆସିଥିବା କଳାକାରମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା। ଏପରିକି କେଉଁ ମାଧ୍ୟମରେ କଳାକାର


ଦେଓଗାଁ ବ୍ଲକ ପରିସରରେ କଳାକାରମାନେ ଇତସ୍ତତଃ ହୋଇ ବୁଲୁଛନ୍ତି।

ଚୟନ କରାଯାଉଛି ତାହାର ସବିଶେଷ ତଥ୍ୟ କଳାକାରମାନଙ୍କୁ ସୂଚନା ଦିଆଯାଇ ନ ଥିବାରୁ ଚୟନ ପ୍ରକ୍ରିୟାକୁ ନେଇ କଳାକାରମାନେ ପ୍ରଶ୍ନ କରିଛନ୍ତି। ସାମାଜିକ ସୁରକ୍ଷା ଅଧିକାରୀ ସୁଶାନ୍ତ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଚୟନ କମିଟି ବୈଠକରେ ବିଡିଓ ସୁରେନ୍ଦ୍ର ମେହେର, ଏବିଡିଓ ପୁଷ୍ପାଞ୍ଜଳି ନାଏକ, ଦାୟିତ୍ୱରେ ଥିବା ଜିପିଓ ବୀଣା ପଧାନ, କଳାକାର ସଂଘ ଉପସଭାପତି ସୁଦାମ ବିଶି, ଶତୃଘ୍ନ ସେଠ ପ୍ରମୁଖ ଉପସ୍ଥିତ ରହି କଳାକାର ଚୟନ କରିଛନ୍ତି। ପ୍ରଥମ ଦିବସରେ ୧୩ ନଂଜୋନର ୧୩ଟି ପଞ୍ଚାୟତରୁ ୭୨ ଜଣ ବିଭିନ୍ନ ବର୍ଗର ବରିଷ୍ଠ କଳାକାର ଯୋଗଦେଇ ନିଜ କଳା ପ୍ରଦର୍ଶନ କରିଥିଲେ। ଅବ୍ୟବସ୍ଥା ନେଇ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ସୁଦାମ ଚରଣ ବିଶିଙ୍କୁ ପଚାରିବାରୁ ମୁଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ କଳାକାରଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଥିଲି। କିନ୍ତୁ ବ୍ଲକ ପ୍ରଶାସନ କୌଣସି ବ୍ୟବସ୍ଥା କରିନାହିଁ। ବର୍ତ୍ତମାନ କଳାକାରମାନେ ଅବ୍ୟବସ୍ଥାରେ ରହିଥିବାରୁ ମୁଁ ଦୁଃଖିତ ବୋଲି ସେ କହିଥିଲେ। ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ କଳାକାରମାନେ ଦାବି କରିଛନ୍ତି।

# ଅନ୍ୟ ଘରଡିହରେ ପ୍ରଧାନମନ୍ତ୍ରୀ ଆବାସ

ଲୋଇସିଂହା,୨୫।୧୦(ଡି.ଏନ.ଏ)

**ଅଭିଯୋଗ ଉଠାଇଲେ ପ୍ରକୃତ ଡିହ ସ୍ୱତ୍ୱାଧିକାରୀ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର ଗ୍ରାମର ୨ଜଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଅନ୍ୟ ଡିହରେ ଘର କରିଥିବା ଅଭିଯୋଗ ହୋଇଛି। ଏ ନେଇ ଉକ୍ତ ଘରଡିହର ସ୍ୱତ୍ୱାଧିକାରୀ ପୁଟାପାଲି ନିବାସୀ ଦୁର୍ଗାପ୍ରସାଦ ଭୋଇ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିବା ସହ ଆରଟିଆଇ ତଥ୍ୟ ମାଗିଛନ୍ତି। ଏହି ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ଅଭିଯୋଗ ଅନୁଯାୟୀ, ଗୋପାଳପୁର ଗ୍ରାମର ଜଣେ ବ୍ୟକ୍ତି ୨୦୧୮ ମସିହାରେ ପ୍ରଧାନଆବାସ ଯୋଜନାର କାର୍ଯ୍ୟାଦେଶ ପାଇଥିଲେ। ଏଥିପାଇଁ ଆନୁସଙ୍ଗିକ କାଗଜପତ୍ର ବ୍ଲକ ପ୍ରଶାସନ ନିକଟରେ ଦାଖଲ ପରେ ସେ ଘର ନିର୍ମାଣ କରିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ଭଉଣୀ ୨୦୨୧ ଆର୍ଥିକ ବର୍ଷରେ ଆବାସ ଯୋଜନାର କାର୍ଯ୍ୟାଦେଶ ପାଇ ସେହିଠାରେ ଘର ତୋଳିଛନ୍ତି। ତେବେ ସମ୍ପୃକ୍ତ ୨ହିତାଧିକାରୀ ବ୍ଲକ ପ୍ରଶାସନ ନିକଟରେ ଦାଖଲ କରିଥିବା ପୈତୃକ ଜମିରେ ଘର ନକରି ସ୍ୱର୍ଗତ ଧର୍ମ ଭୋଇଙ୍କ ଖାତା ନଂ ୯୫/୧୩ର ପ୍ଲଟ ନଂ ୩୦୪ ଓ ୩୦୫ରେ ଘର କରିଥିବା ଧର୍ମ ଭୋଇଙ୍କ ସ୍ୱତ୍ୱାଧିକାରୀ ଦୁର୍ଗାପ୍ରସାଦ ଅଭିଯୋଗରେ ଦର୍ଶାଇଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଆରଟିଆଇରେ ପ୍ରଦାନ କରାଯାଇଥିବା ତଥ୍ୟରେ ଏହା ଜଣାପଡିଥିବା ଦୁର୍ଗାପ୍ରସାଦ କହିଛନ୍ତି। ଏହି ଘଟଣାରେ ସେ ସୂଚନା ଅଧିକାର ଆଇନରେ ଦ୍ୱିତୀୟ ଅପିଲ କରିଥିଲେ । ଅକ୍ଟୋବର ୨୧ରେ ଦ୍ୱିତୀୟ ଅପିଲ ଉପରେ ଆଲୋଚନା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଦୁର୍ଗାପ୍ରସାଦଙ୍କୁ ନୋଟିସ ହୋଇଥିଲା। ଏହିଦିନ ଦୁର୍ଗାପ୍ରସାଦ ବ୍ଲକରେ ହାଜର ହୋଇଥିଲେ। ତାଙ୍କ ସହ ବିଡିଓ ଆକାଶ ରଞ୍ଜନ ସାହୁ, ଏବିଡିଓ ବିଜୟ କୁମାର ହୋତା ଓ ନୋଡାଲ ଅଫିସର ଆଲୋଚନା କରିଥିଲେ। ହେଲେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦେଲା ପରେ ସେ କେଉଁ ପ୍ଲଟରେ ଘର କଲେ ତାହା ପ୍ରଶାସନ ଜାଣିବାର ଅବକାଶ ନାହିଁ ବୋଲି ଅଧିକାରୀମାନେ କହିଥିଲେ। ଏପରି ହୋଇଥିଲେ ସିଭିଲ କେସ କରିବାକୁ ଅଧିକାରୀମାନେ ପରାମର୍ଶ ଦେଇଥିବା ଦୁର୍ଗାପ୍ରସାଦ କହିଛନ୍ତି। ସରପଞ୍ଚ ରମାକାନ୍ତ ବିଶ୍ୱାଳ କହିଛନ୍ତି ଏହା ପୁରୁଣା କାମ । ଘର ନିର୍ମାଣ ସମୟରେ ପ୍ରତିବାଦ କିମ୍ବା କାହିଁକି ଅଭିଯୋଗ କରାଗଲାନି ବୋଲି ପାଲଟା ପ୍ରଶ୍ନ କରିଛନ୍ତି।


ଦରବାରରେ ପାତ୍ରମନ୍ତ୍ରୀଙ୍କ ସହ ମହାରାଜ କଂସ।

# ଆକର୍ଷଣ ସାଜିଛି କଂସ ଦରବାର

ଦେଓଗାଁ,୨୫।୧୦(ଡି.ଏନ.ଏ.)

**ଭୀମପାହାଡ଼ରେ ଗିରି ଗୋବର୍ଦ୍ଧନ ପୂଜା**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳୀ ଭୀମପାହାଡରେ ୧୭ତମ ଗିରିଗୋବର୍ଦ୍ଧ ପୂଜା ରବିବାରଠାରୁ ଆରମ୍ଭ ହୋଇଛି । ମୁଖ୍ୟ ଅତିଥିଭାବେ ତୁଷୁରା ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ, ସ୍ଥାନୀୟ ସରପଞ୍ଚ ଜାନକୀ ସାହୁ, ସମିତି ସଭ୍ୟ ଅଭିମନ୍ୟୁ ମାଝି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ କଂସ ଦରବାର ଅନୁଷ୍ଠିତ ହେଉଛି। ମଙ୍ଗଳବାର ରାଜ ଦରବାରରେ ରାଜ ଅତିଥିଭାବେ ଆଟଗାଁ ସରପଞ୍ଚ ଶାଳିନୀ ସେଠ, ମହୀମୁଣ୍ଡା ସରପଞ୍ଚ ରଞ୍ଜିତା ପ୍ରଧାନ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ବୁଧବାର ସକାଳେ ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ । ଏହି କାର୍ଯ୍ୟକ୍ରମ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। କଂସ ଭୂମିକାରେ ରବିନ୍ଦ୍ର କୁମାର ସାହୁ ଅଭିନୟ କରୁଛନ୍ତି ।

# ଚୋରି ପାଇଁ ପଶିଥିଲେ, ଧରାପଡ଼ିଲେ

ଲୋଇସିଂହା,୨୫।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ରାମପୁର ଗ୍ରାମରେ ଜଣଙ୍କ ଘରେ ଚୋରି ଉଦ୍ଦେଶ୍ୟରେ ପଶିଥିବା ଜଣେ ଚୋର ସୋମବାର ରାତିରେ ଧରାପଡିଛନ୍ତି। ଧରାପଡିବା ପରେ ଚୋରକୁ ଗାଁଦାଣ୍ଡରେ ଅଟକ ରଖାଯାଇଥିଲା । ଖବର ପାଇ ସ୍ଥାନୀୟ ଜଣେ ଜନପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ତାକୁ ମୁକାଳାଇ ଥିଲେ। ଏନେଇ ଥାନାରେ କୌଣସି ମାମଲା ହୋଇନାହିଁ। ତେବେ ସମ୍ପୃକ୍ତ ଯୁବକଙ୍କୁ ଗ୍ରାମବାସୀ ଅଟକ ରଖିଥିବା ବେଳର ଭିଡିଓ ଭାଇରାଲ ହେବାରୁ ଚର୍ଚ୍ଚାର ବିଷୟ ହୋଇଛି ।

ସୋମବାର ଦୀପାବଳୀ ଥିଲା। ରାମପୁର ଗ୍ରାମରେ ବିଳମ୍ବିତ ରାତିରେ ଜଣେ ଚୋର ଜଣଙ୍କ ଘରକୁ ଚୋରି କରିବାକୁ ପଶିଥିଲେ। ଏହି ସମୟରେ ଘରମାଲିକ ନିଦରୁ ଉଠି ପଡିଥିଲେ। ଚୋର ଜଣକ ଘର ମାଲିକଙ୍କ ହାତରେ ଧରାପଡି ଯାଇଥିଲେ। ତାଙ୍କ ପାଟିଶୁଣି ଗ୍ରାମର ବହୁ ଲୋକେ ସେଠଶରେ ରୁଣ୍ଡ ହୋଇଯାଇଥିଲେ। ପୂର୍ବ ରାତିରେ ଗାଁରେ ଜଣଙ୍କ ଘରୁ ଚୋରି ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ପଚରାଉଚରା ପରେ ଧରା ପଡିଥଇବା ଯୁବକ ଜଣକ ନିଜ ପରିଚୟ ଦେବା ସହ ନିକଟସ୍ଥ ଏକ ଢାବାରେ କାମ କରୁଥିବା କହିଥିଲେ। ଏହାପରେ ଗ୍ରାମବସୀ ସମ୍ପୃକ୍ତ ଢାବା ମାଲିକ ଏବଂ ଜଣେ ଜନପ୍ରତିନିଧିଙ୍କୁ ଜଣାଇଥିଲେ। ସେମାନେ ଆସିବା ପରେ ସମ୍ପୃକ୍ତ ଚୋରକୁ ଛାଡି ଦିଆଯାଇଥିଲା।

# ଚିକିତ୍ସା ନ ପାଇ ଫେରିଲେ ଦୁର୍ଘଟଣାଗ୍ରସ୍ତ ରୋଗୀ

ଲାଠୋର, ୨୫।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୋମବାର ଏକ ସଡ଼କ ଦୁର୍ଘଟଣାରେ ଆହତ ରୋଗୀ ଚିକିତ୍ସା ପାଇଁ ଆସିଥିଲେ। ହେଲେ ଡାକ୍ତରଖାନା ବନ୍ଦ ଥିବା ଯୋଗୁ ଚିକିତ୍ସା ନପାଇ ସେ ଫେରିଯିବାକୁ ମାଧ ହୋଇଥିଲେ। ତୁରେକେଲା ବ୍ଲକ ବୁଢିବାହାଲର ଫାଲଗୁନି ସରାଫ ବାଇକ ଯୋଗେ ଲାଠୋର ଆସୁଥିବାବେଳେ ଲାଠୋର ଲାଛନଦୀ ପାଖ ରାସ୍ତାରେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ଧକ୍କା ଦେଇଥିବା ଗାଡି ଦୁର୍ଘଟଣା ପରେ ପଳାଇଥିଲା। ଫାଲଗୁନି ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ପଡ଼ି ରହିଥିବା ବେଳେ ରାଜେଶ ଭଇଁଷାଲ ନାମକ ଏକ ଯୁବକ ତାଙ୍କୁ ଉଦ୍ଧାର କରି ଲାଠୋର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅପରାହ୍ନରେ ଚିକିତ୍ସା ପାଇଁ ଆଣିଥିଲେ। ହେଲେ ସେତେବେଳେ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ଥିବା ଦେଖାଯାଇଥିଲା। ସେଠାରେ ଥଇବା ଜଣେ ବ୍ୟକ୍ତି ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତରଙ୍କୁ ଫୋନ କରିଥିଲେ। ଆସୁଛି କହିଥିଲେ ହେଁ ସମ୍ପୃକ୍ତ ଡାକ୍ତର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଉ ଆସି ନ ଥିଲେ। ଅନ୍ୟନୋପାୟ ହୋଇ ଆହତଙ୍କୁ କୋଶଳ ମୁକ୍ତି ମୋର୍ଚ୍ଚା ଯୁଗ୍ମ ସମ୍ପାଦକ କାଶିନାଥ ମେହେର ଏବଂ ତାଙ୍କ ଟିମ ଏକ ଘରୋଇ ଚିକିତ୍ସା କେନ୍ଦ୍ରକୁ ନେଇ ଚିକିତ୍ସା କରାଇବା ପରେ ଖପ୍ରାଖୋଲ ପଠାଇଥିଲେ। ଏ ନେଇ ଲାଠୋର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା.ଜୟଶ୍ରୀ ମିଶ୍ରଙ୍କୁ ପଚାରବାରୁ ସୋମବାର ଉପରବେଳା ଛୁଟିଥିଲା। ଆମର ଏଠି ଜରୁରୀକାଳୀନ ବ୍ୟବସ୍ଥା ନାହିଁ। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନୂତନରେ ଦିନବେଳା ରୋଗୀ ସେବା ଉପଲବ୍ଧ ଥିବା ବେଳେ ରାତି ପାଇଁ ବ୍ୟବସ୍ଥା ନାହିଁ ବୋଲି କହିଥିଲେ। ଏଡି ସ୍ଥିତିରେ ପରିବର୍ତ୍ତନ ନ ଆସିଲେ କୋଶଳ ମୁକ୍ତି ମୋର୍ଚ୍ଚା ଜୋରଦାର ଆନ୍ଦୋଳନ କରିବ ବୋଲି ଯୁଗ୍ମ ସମ୍ପାଦକ ମେହେର ଚେତାବନୀ ଦେଇଛନ୍ତି।

# ଚାକିରି ସ୍ଥାୟୀ କରିବାକୁ ଦାବି କଲେ


ଆଉଟସୋର୍ସିଂ ଏବଂ ଅସ୍ଥାୟୀ କର୍ମଚାରୀମାନେ ବୈଠକ କରି ଚାକିରି ସ୍ଥାୟୀ କରିବାକୁ ଦାବି କରିଛନ୍ତି।

ବଲାଙ୍ଗୀର ଅଫିସ,୨୫।୧୦

**ଜିଲା ଆଉଟ୍‌ସୋର୍ସିଂ, ଅସ୍ଥାୟୀ କର୍ମଚାରୀ ସଂଘ ମିଳିତ ବୈଠକ**

ବଲାଙ୍ଗୀର ଜିଲାର ବିଭିନ୍ନ ସରକାରୀ ବିଭାଗରେ ଅସ୍ଥାୟୀ ଏବଂ ଆଉଟସୋର୍ସିଂ କର୍ମଚାରୀଭାବେ କାର୍ଯ୍ୟରତ କର୍ମଚାରୀଙ୍କ ଏକ ମିଳିତ ବୈଠକ ମଙ୍ଗଳବାର ସ୍ଥାନୀୟ ଯାଦବ ଭବନ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସମସ୍ତ ପ୍ରକାର ଆଉଟ ସୋର୍ସିଂ ଚାକିରି ବ୍ୟବସ୍ଥାର ମୂଳୋତ୍ପାଟନ କରାଯାଇ ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ କରିବା ପାଇଁ ଦାବି କରାଯାଇଥିଲା । ସରକାରୀ ନିୟମ ମୁତାବକ ସମାନ କାମକୁ ସମାନ ଦରମା ଲାଗୁ କରାଯାଉ ବୋଲି କର୍ମଚାରୀମାନେ ଦାବି କରିଥିଲେ। ବୈଠକରେ ୨୦ଟି ସରକାରୀ ବିଭାଗରେ କାର୍ଯ୍ୟରତ ଶତାଧିକ କର୍ମଚାରୀ ଯୋଗ ଦେଇଥିଲେ। ଆଗାମୀ ଦିନରେ ସରକାରଙ୍କୁ ନିଜର ନାର୍ଯ୍ୟ ଦାବି ଜଣାଇବା ପାଇଁ କାର୍ଯ୍ୟପନ୍ଥା ସ୍ଥିର କରିବା ସକାଶେ ଆଲୋଚନା କରାଯାଇଥିଲା। ଦଶନ୍ଧି ଧରି କାର୍ଯ୍ୟ କରିବା ପରେ ମଧ ଚାକିରୀ ସ୍ଥାୟୀ କରାଯାଉ ନ ଥିବାରୁ ସେମାନେ କିଭଳି ସମସ୍ତ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଆସୁଛନ୍ତି ତାହା ଆଲୋଚନା କରାଯାଇଥିଲା। ଏହି ଆଉଟସୋର୍ସିଂ ବ୍ୟବସ୍ଥା ଦ୍ୱାରା କିଭଳି ସେମାନେ ଶୋଷଣର ଶିକାର ହେଉଛନ୍ତି ତାହା କହିଥିଲେ। ଏହି ଶୋଷଣ ପ୍ରଥାକୁ ତୁରନ୍ତ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସମସ୍ତ ଆଉଟସୋର୍ସିଂ ଓ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ଏଥିରେ ବିଭିନ୍ନ ବିଭାଗର କର୍ମଚାରୀ ଆର୍ତ୍ତତ୍ରାଣ ସାହୁ, କଳିଙ୍ଗ ସୁନା, ଆଶୁତୋଷ ବେହେରାମାଳୀ, ରଞ୍ଜନ ସାହୁ, ରବୀନ୍ଦ୍ର ବେହେରା, ରାଜେଶ ଝାଙ୍କର, ଅଭିଳାଷ ମିଶ୍ର, ରଶ୍ମିରଞ୍ଜନ ହୋତା, ନିରୋଜ ମିଶ୍ର ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ । ବୈଠକରେ ଜିଲାରେ କାମ କରୁଥିବା ବିଭିନ୍ନ ବିଭାଗର କର୍ମଚାରୀ ଯୋଗ ଦେଇଥିଲେ।

# ମାଧ୍ୟମିକ ଶିକ୍ଷକ ସଂଘର ବୈଠକ

ବଲାଙ୍ଗୀର ଅଫିସ, ୨୫।୧୦

ବଲାଙ୍ଗୀର ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହଠାରେ ନୂତନ ପେନସନ ଯୋଜନା ଅର୍ନ୍ତଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘର ବୈଠକ ବରିଷ୍ଠ ଶିକ୍ଷକ ଦ୍ୱିତିରଞ୍ଜନ ମହାଲିଙ୍ଗଙ୍କ ଆହ୍ୱାନକ୍ରମେ ତଥା ହେମନ୍ତ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ୨୦୦୪ ମସିହାରୁ ୨୦୨୨ ମସିହା ପର୍ଯ୍ୟନ୍ତ ମାଧ୍ୟମିକସ୍ତରରେ ନିଯୁକ୍ତ ବହୁ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ । ବୈଠକରେ ରାଜ୍ୟ ସରକାର ଘୋଷଣା କରିଥିବା ଠିକା ନିଯୁକ୍ତି ବଦଳରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ବ୍ୟବସ୍ଥାକୁ ସ୍ୱାଗତ କରାଯାଇଥିଲା। ସଭାରେ ସମସ୍ତ ଶିକ୍ଷକ ଏକତ୍ରିତ ହୋଇ ନୂତନ ପେନସନ ଯୋଜନାକୁ ହଟାଇ ପୁରୁଣା ପେନସନ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ସଙ୍ଗଠନକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ସଭାରେ ଡୋଲାମଣି ସାହୁ, ନରେଶ ଦ୍ୱାରୀ, ସୁଧାଂଶୁ ବାରିକ, ବିନୋଦ ମିଶ୍ର, ଆଶିଷ କୁମାର ନାଏକ, ବୀର କିଶୋର ସୁନା, ଶୁଭେନ୍ଦୁ କୁମାର ନାଥ ନିଜସ୍ୱ ମତାମତ ରଖିଥିଲେ। ଶେଷରେ ଶିକ୍ଷୟିତ୍ରୀ ଗାୟତ୍ରୀ ବାରିକ ଧନ୍ୟବାଦ ଦେଇଥିଲେ।



ମାଧ୍ୟମିକ ଶିକ୍ଷକ ସଂଘ ବୈଠକରେ ଉପସ୍ଥିତ ସଦସ୍ୟ।

# କଳାକାର ବଞ୍ଚିଲେ କଳା ବଞ୍ଚିବ

ବଲାଙ୍ଗୀର ଅଫିସ, ୨୫।୧୦

**କଳାକାର ସଂଘର ନୂଆଁଖାଇ ଭେଟ୍‌ଘାଟ**

ବଲାଙ୍ଗୀର କଳାକାର ସଂଘ ପକ୍ଷରୁ ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ସଭାପତି ଟିଶୁରାଜ ସାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ବିଶିଷ୍ଟ ଅତିଥିଭାବେ ଆଇନ୍‌ଜୀବୀ ଅମରେନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ସଙ୍ଗଠକ ଗୋପାଳ ପ୍ରଧାନ, ସାମାଜିକ କର୍ମୀ ଶମ୍ଭୁ ନାଗ, କଣ୍ଠଶିଳ୍ପୀ ନବୀନ କୁଅଁର, ବ୍ୟାସଦେବ ପୁରୋହିତ, କଳାକାର ରାଧାକାନ୍ତ ନାଏକ ମଞ୍ଚାସୀନ ଥିଲେ । ମୁଖ୍ୟ ଅତିଥି ସାହୁ ତାଙ୍କ ବକ୍ତବ୍ୟରେ କଳାକାର ନିଜ ଉଦ୍ୟମରେ ଆମର ମହାନ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ତେଣୁ ସେମାନଙ୍କ ଜୀବନ ଓ ଜୀବିକା ସୁରକ୍ଷିତ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ସେ କହିଥିଲେ। ବିଶିଷ୍ଟ ଅତିଥି ଆଇନଜୀବୀ ମିଶ୍ର ତାଙ୍କ ବକ୍ତବ୍ୟରେ କଳା ଓ କଳାକାରଙ୍କ ସୁରକ୍ଷା ପାଇଁ ସରକାରୀ ସ୍ତରରେ ସୁବ୍ୟବସ୍ଥା କରାଯିବା ଉଚିତ୍ ବୋଲି କହିଥିଲେ। ସ୍ୱନାମଧନ୍ୟ ସଙ୍ଗୀତକାର ସ୍ୱର୍ଗତ ଶ୍ରୀରାମ ଲୁହାଙ୍କ ସ୍ମୃତିରେ ଗଠିତ କଳାକାର ସଂଘର ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ନବୀନ କୁଅଁର, ବ୍ୟାସଦେବ ପୁରୋହିତ, ଜିତୁ କୁମ୍ଭାର, ଦିଲୀପ ଦୀପ, ଟିକୁରାଜ ନନ୍ଦ, ବିଶିକେଶନ ନାଗ, ଜନ୍ମ ବାରିକ, ସୁଷମିକା ବେହେରା, ରଶ୍ମିତା ସାହୁ, ମକରନ୍ଦ ସାହୁ, କ୍ଷୀରୋଦ୍ର ବରିହା, ଅଞ୍ଜନ କୁମ୍ଭାର, ରାଜୁ ନନ୍ଦ, ବ୍ରହ୍ମାନନ୍ଦ ବନଛୋର, ଅର୍ଜୁନ ମୁଗ୍ରୀ, ବାସୁଦେବ ପଧାନ, ବିକାଶ ଷଡଙ୍ଗୀ, ଇଂ ରାମଚନ୍ଦ୍ର ମୁର୍ମୁ, ସାମାଜତକ କର୍ମୀ ଶୁଭ୍ରାଂଶୁ ପଣ୍ଡା, ଢାପ ନୃତ୍ୟଶିଳ୍ପୀ ସୁଦର୍ଶନ ଦୀପ, ମାହେଶ୍ୱରୀ ଲାଇଟ ଆଣ୍ଡ ସାଉଣ୍ଡ, ଦୀପା ଟେଣ୍ଟ ହାଉସ୍, ୟୁଥ ବ୍ଲଡ ଡୋନର ଗ୍ରୁପ, ବାସନ୍ତୀ ନନ୍ଦ, ନବ ସାହୁ, ବିକାଶ ସାହୁ, ସୁରେନ୍ଦ୍ର ସାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାନବଡ ଓ ସାଥୀଙ୍କ ଘୁଡୁକା ନୃତ୍ୟ, ରାଧାକାନ୍ତ ନାଏକଙ୍କ କଂସ ଦରବାର, ଆଞ୍ଚଳିକ ଗୀତରେ ସରୋଜ ନାଏକ, ଶିବା ବରିହା, ଦିବାନ ନନ୍ଦ, ସୁମିତ ସୁନା, ମୁନମୁନ୍ ଚନ୍ଦନ, କୁନମୁନ୍ ଚନ୍ଦନ, ସାନ କୁମ୍ଭାର, ସନ୍ତୋଷ ନନ୍ଦ, ଦିଲ୍ଲୁପ୍ରକାଶ ହିଆଲ, ସଚ୍ଚିଦାନନ୍ଦ ବିଶ୍ୱାଳ, ମୁନା ବିଶ୍ୱାଲ, ବିକାଶ ବାଗ, କ୍ଷୀର ନାଗ, ଲମ୍ବୋଧର ନାଏକ, ହିମାଂଶୁ ପଧାନ, ବରୁଣ ବାଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ମହିଳା ବର୍ଗରେ ଅଷ୍ଟମୀ ନାଗ, ରାଶେଶ୍ୱରୀ ଚାନ୍ଦିଆ, ଡଲି ବାଗ, ଦିବ୍ୟାରାଣୀ ବିଶି, ନୀତାଞ୍ଜଳି ପୋଢ, ଶିକା ଚନ୍ଦନ, ରୋଲିପ୍ରଭା ସେଠ, ମିକି ମନହୀରା, ଶ୍ୱେତାମୟୀ ସେଠ, ଫିଜା ବଛା, ମିଲି ବାରିକ, ରୀମା ବାଗ, ମିନତୀ ରାଓ, ସାଇ ପଙ୍ଖୁଡି ଛତ୍ରିଆ ନୃତ୍ୟ ପରିବେଷଣ କରିଥିଲେ। ଗଜମଣି ବାଗ ମଞ୍ଚ ପରିଚାଳନା କରିଥିଲେ। ସରୋଜ ନାଏକ ଧନ୍ୟବାଦ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମରେ ବିଜୟ ବାରିକ, ସୂର୍ଯ୍ୟମଣି ସୁନା, ଅଶୋକ ଦୀପ, ଭାବନୀ ଶଙ୍କର ଛତର, ଅକ୍ଷୟ ପଧାନ, ଗୋବିନ୍ଦ ବିଭାର, ନଳିନୀ ଦୀପ, କୁନା ବାଗ ସହଯୋଗ କରିଥିଲେ।



ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଛାତରୁ ପଡ଼ି ମହିଳା ଗୁରୁତର**

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଳା ଗ୍ରାମର ୱାର୍ଡ ନମ୍ବର ୨ରେ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଘର ଛାତ ଉପରେ ପାଣି ଦେବା ପାଇଁ ଚଢୁଥିବା ବେଳେ ଗୋଡ଼ ଖସି ଜଣେ ମହିଳା ଗୁରୁତର ହୋଇଛନ୍ତି। ସୋମବାର ସକାଳେ ବୈଦ୍ୟନାଥ ନାଏକଙ୍କ ସ୍ତ୍ରୀ ଜୟନ୍ତୀ ନିଜ ଆବାସ ଘର ଛାତ ଉପରେ ପାଣି ମଡ଼ାଇବା ଚଢୁଥିଲେ। ହଠାତ୍ ଗୋଡ ଖସିପଡ଼ିବାରୁ ତଳେ ପଡ଼ି ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ଏକ ଗାଡି ଭଡା କରି କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ରୁପ୍ରା ରୋଡ଼/ନର୍ଲା,୨୫।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ ରେଳ ଷ୍ଟେଶନରେ ସୋମବାର ରାତି ୮ଟାରେ ମକୁନ୍ଦ ଓଡିଆ (ବାବା) ନଡିଆ କଟା କାତିରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ରୁପ୍ରାରୋଡ ରେଳ ଇନଜିନିୟରିଂ କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ ରୋଷେଇ କରିବାକୁ ନର୍ଲା ବ୍ଲକ ସାଲେପଡାର ପ୍ରଶାନ୍ତ ଖଡଙ୍ଗା ରୋଷେଇ କାର୍ଯ୍ୟ ତୁଲାଉଥିଲେ। ଦୀପାବଳି ଯୋଗୁ ଶୀଘ୍ର ରୋଷେଇ ସମାପ୍ତ କରି ରୁପ୍ରାରୋଡ ରେଳ ଷ୍ଟେଶନରେ ବସିଥିଲେ। ଏହି ସମୟରେ ରୁପ୍ରାରୋଡ ପଞ୍ଚାୟତ ବଲବସପୁର ଗ୍ରାମର ମକୁନ୍ଦ ଓଡିଆ (ବାବା) ଆସି ଖାଇବା ବିଷୟକୁ ନେଇ ବଚସା ହୋଇଥିଲା। ଏଥିରେ ମକୁନ୍ଦ ରାଗିଯାଇ ଝୁଲା ମୁଣାରୁ ଏକ ଧାରୁଆ ନଡିଆ କଟା କାତି ପ୍ରଶାନ୍ତଙ୍କ ଗଳାରେ ଆଘାତ ଦେଇଥିଲେ। ରକ୍ତାକ୍ତ ଅବସ୍ଥାରେ ରେଳ ଇଜିନିୟରିଂ କର୍ମଚାରୀ ନର୍ଲା ସ୍ୱାସ୍ଥକେନ୍ଦ୍ର ଓ ପରେ ପରିବାର ଲୋକେ ଭବାନୀପାଟଣାକୁ ନେଇ ଯାଇଛନ୍ତି। ନର୍ଲା ପୋଲିସ ମକୁନ୍ଦଙ୍କୁ ଅଟକ ରଖି ପଚରାଉଚରା କରୁଛି।

### ଲାଞ୍ଜିଗଡ଼ରେ ପୂଜା ପାଇଲେ ମା' ଶ୍ୟାମାକାଳୀ

ଲାଞ୍ଜିଗଡ,୨୫।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ ସହରରେ ପ୍ରତି ବର୍ଷଭଳି ମା' ଶ୍ୟାମାକାଳୀଙ୍କ ପୂଜନ ଉତ୍ସବ ଲାଞ୍ଜିଗଡର ଆଶ୍ରମପଡାଠାରେ ପାଳିତ ହୋଇଯାଇଛି। ରବିବାରଠାରୁ ଦୁଇଦିନ ପର୍ଯ୍ୟନ୍ତ ମା'ଙ୍କ ମଣ୍ଡପରେ ମହାଯଜ୍ଞ ଚଣ୍ଡିପାଠ, କୁଷ୍ମାଣ୍ଡବଳି ଆଦି ପୂଜାପାଠ ଆରମ୍ଭ ହୋଇଥିଲା। ସାତବର୍ଷ ହେଲା ମା'ଙ୍କ ପୂଜା ଆରମ୍ଭ ହୋଇଥିବା ବେଳେ ଗତ ୨ ବର୍ଷ କରୋନା ଯୋଗୁ ଭକ୍ତଙ୍କ ସମାଗମ ଫିକା ପଡିଥିଲା। ଚଳିତବର୍ଷ ଧୁମଧାମରେ ସମାଗମ ଦେଖିବାକୁ ମିଳିଥିଲା। ପ୍ରତିଦିନ ସନ୍ଧ୍ୟାରେ ମା'ଙ୍କ ପୂଜାସ୍ଥଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମହୁଥିବା ବେଳେ ସୁସଜ୍ଜିତ ଆଲୋକ ମାଳା ବିଶେଷ ଆକର୍ଷଣ ଥିଲା। ପ୍ରଭାକର ଆଚାର୍ଯ୍ୟ ମା'ଙ୍କ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳ କର୍ତ୍ତା ଭାବେ ଗୋବିନ୍ଦ ରଣା ଓ ସବିତା ରଣା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜା ମଣ୍ଡପରେ ଲିଙ୍ଗରାଜ ବାରିକ ସହଯୋଗ କରୁଥିଲେ। ଦୁଇଦିନ ଦିନ ଧରି ମା'ଙ୍କ ପୂଜା ଚାଲିଥିବା ବେଳେ ମଙ୍ଗଳବାର ସୂର୍ଯ୍ୟ ପରାଗ ଯୋଗୁ ବୁଧବାର ମା'ଙ୍କ ବିସର୍ଜନ ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି। ପୂଜା କମିଟି ସଭାପତି କୁନା ରଣା, ଶ୍ରୀନିବାସ ଚଣ୍ଡୀ, କ୍ଷମାନିଧି ସାହୁ, ଯଦୁ ସାହୁ, ଦିଲୀପ ସାହୁ, ପରମାନନ୍ଦ ରଣା, ଯୁବଶକ୍ତି ସେବାକେନ୍ଦ୍ର ଅନୁଷ୍ଠାନ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।


ମା' ଶ୍ୟାମାକାଳୀଙ୍କୁ ପୂଜନ କରାଯାଉଛି।

# ମୁକୁଳା ଟ୍ରାନ୍ସଫର୍ମର ନେଲା ଯୁବକଙ୍କ ଜୀବନ

■ମୃତଦେହ ରଖି ରାସ୍ତାରୋକୋ
■ପ୍ରତିଶ୍ରୁତି ପରେ ଉଠିଲା ଧାରଣା

ଭବାନୀପାଟଣା,୨୫।୧୦(ସ୍ୱ.ପ୍ର.)

ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଅକାରଣେ ଚାଲିଗଲା ଯୁବକଙ୍କ ଜୀବନ। ଏଭଳି ଏକ ଅଭିଯୋଗ ହୋଇଛି କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅଧମୁଣ୍ଡା ଗାଁରେ। ମଙ୍ଗଳବାର ପ୍ରାତଃଭ୍ରମଣରୁ ଫେରିବା ବେଳେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅଧାମୁଣ୍ଡା ଗାଁର ଲକ୍ଷ୍ମଣ ଗୌଡ଼ (୨୪)। କ୍ଷତିପୂରଣ ଦାବିରେ ମୃତଦେହ ରଖି ସକାଳ ୭ଠାରୁ ମଧ୍ୟାହ୍ନ ୧ଟା ଯାଏଁ ୬ ଘଣ୍ଟା ଧରି ପରିବାରବର୍ଗ ଏବଂ ଗ୍ରାମବାସୀ ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ପ୍ରଶାସନ ଓ ବିଦ୍ୟୁତ୍ ବିଭାଗ ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଥିଲା। ସୂଚନା ଅନୁଯାୟୀ, ଅଧାମୁଣ୍ଡା ଗାଁର ଲକ୍ଷ୍ମଣ ପ୍ରାତଃଭ୍ରମଣରେ ଯାଇ ଘରକୁ ଫେରୁଥିଲେ। ଏହି ସମୟରେ ବୁଲା କୁକୁର ତାଙ୍କ ଆଡକୁ ଦୌଡ଼ି ଆସିଥିଲେ। ଏହି ସମୟରେ ଘନ କୁହୁଡି ଯୋଗୁ ରାସ୍ତାକୁ ଲାଗି ରହିଥିବା ମୁକୁଳା ଟ୍ରାନ୍ସଫର୍ମର ଆଡକୁ ସେ ଚାଲି ଯାଇଥିଲେ। ଟ୍ରାନ୍ସଫର୍ମର ତାର ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ଖବର ପାଇ ତାଙ୍କୁ ପାଷ୍ଟିଗୁଡି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପରିବାର ଓ ଗ୍ରାମବାସୀ ମୃତଦେହ ଆଣି ଜାତୀୟ ରାଜପଥ ୨୬ ପାଷ୍ଟିକୁଡି ଛକ ନିକଟରେ ରଖି ରାସ୍ତା ଅବରୋଧ କରିଥିଲେ। ଟ୍ରାନ୍ସଫର୍ମର ସ୍ଥାନ ପରିବର୍ତ୍ତନ ଓ ମୃତ ଯୁବକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଚେତାବନୀ ଦେଇଥିଲେ। ସ୍ଥାନୀୟ ପୋଲିସ ଓ ପ୍ରଶାସନ ପକ୍ଷରୁ କେସିଙ୍ଗା ଅତିରିକ୍ତ ତହସିଲଦାର ଧୀରଜ ପଟ୍ଟନାୟକ, ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ଦେବୀ ପ୍ରସାଦ ଦୀକ୍ଷିତ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନା ଓ ରେଡକ୍ରସ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ବିଦ୍ୟୁତ୍ ବିଭାଗ ପକ୍ଷରୁ ମୁକୁଳା ପଡିଥିବା ଟ୍ରାନ୍ସଫର୍ମର ଶୀଘ୍ର ବାଡ଼ କରାଯିବ, ପରେ ସ୍ଥାନାନ୍ତର ଓ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦିଆଯିବାରୁ ରାସ୍ତାରୋକୋ ହଟିଥିଲା। ଦୀର୍ଘ ୬ ଘଣ୍ଟା ଧରି ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା। ଏଥିପାଇଁ ବରଗଡ଼, ବୋରିଗୁମ୍ମା, ବିଶାଖାପାଟଣା, ରାୟପୁରକୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।


ପାଷ୍ଟିକୁଡିରେ ପରିବାର ବର୍ଗ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରୋକୋ କରାଯାଇଛି।

## ଦୀପାବଳିରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଫୁଟିଲା

ନୂଆପଡ଼ା ଅଫିସ,୨୫।୧୦

ଗତ ୨ ବର୍ଷ କରୋନା କଟକଣା ଯୋଗୁ ଦୀପାବଳିରେ ବାଣ ବ୍ୟବସାୟ ଉପରେ ସରକାର କଟକଣା ଲଗାଇଥିବାରୁ ନୂଆପଡା ଜିଲା ମୁଖ୍ୟ ବ୍ୟବସାୟୀକ ସହର ଖରିଆର ରୋଡ, ନୂଆପଡା, କୁରୁମପୁରି, ତରବୋଡ, ଉଦ୍ୟାନବନ୍ଧ, କୋମନା, ଖଡିଆଳ, ସିନାପାଲି ଓ ବୋଡେନ ଭଳି ମୁଖ୍ୟ ସହରରେ କୌଣସି ବାଣ ଦୋକାନ ଖୋଲି ନ ଥିଲା। କେବଳ କିଛି ବ୍ୟବସାୟୀ ଚୋରାରେ କିଛି ବାଣ ବିକ୍ରୟ କରିଥିଲେ। କିନ୍ତୁ ଚଳିତବର୍ଷ କଟକଣା ନ ଥିବାରୁ ବ୍ୟବସାୟୀମାନଙ୍କ ମଧ୍ୟରେ ଅନେକ ଉତ୍ସାହ ଥିବାବେଳେ ଜିଲା ଅନେକ ବାଣ ଦୋକାନ ଖୋଲିବା ସହ ଜନସାଧାରଣଙ୍କ ମଧ୍ୟରେ ବାଣ କିଣିବାରେ ଅଧିକ ଉତ୍ସାହ ଦେଖା ଦେଇଥିଲା। ନୂଆପଡା ସଦର ମହକୁମାରେ ୧୦/୧୨ଟି ଦୋକାନ ଖୋଲିଥିବା ବେଳେ ଖରିଆର ରୋଡରେ ୫୦ରୁ ଅଧିକ ଦୋକାନ ଓ ଖଡିଆଳ, ସିନାପାଲି, ବୋଡେନ, କୋମନା ଭଳି ସ୍ଥାନରେ ୧୦ରୁ ଊର୍ଦ୍ଧ୍ୱ ଦୋକାନ ଖୋଲିଥିଲା। ବିଶେଷ କରି କୁମ୍ପି, ଚକ୍ରି ରକେଟ ଆଦି ବାଣର ଅଧିକ ଚାହିଦା ରହିଥିଲା। ସୂଚନା ମୁତାବକ ନୂଆପଡା ସହରରେ ପ୍ରାୟ ୧୫/୨୦ ଲକ୍ଷ ଟଙ୍କା ବାଣ ବିକ୍ରୟ ହୋଇଥିବା ବେଳେ ଖରିଆର ରୋଡରେ ପ୍ରାୟ କୋଟିଏ ଟଙ୍କାର ବାଣ ବ୍ୟାପାର ହୋଇଥିବା ସୂଚନା ମିଳିଛି।

## ଦୀପାବଳିରେ କବାଡ଼ିଖାନାରେ ଅଗ୍ନିକାଣ୍ଡ

ଭବାନୀପାଟଣା,୨୫।୧୦(ସ୍ୱ.ପ୍ର.)

ସୋମବାର ଦୀପାବଳୀକୁ ନେଇ ଚାରିଆଡେ ଉତ୍ସବର ମାହୋଲ ରହିଥିବାବେଳେ କଳାହାଣ୍ଡି ଜିଲା ଭବାନୀପାଟଣା ସହରରୁ ଏକ ଅଘଟଣ ସାମାନାକୁ ଆସିଛି। ସହରର ବ୍ରଜ ମୋହନ ସ୍କୁଲ ନିକଟରେ ଥିବା ଏକ କବାଡିଖାନାରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ କବାଡି ଖାନାରେ ଥିବା ସମସ୍ତ ଜିନିଷ ପୋଡି ନଷ୍ଟ ହୋଇଯାଇଥିବା ଜଣାପଡିଛି। ତେବେ କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଲା ତାହା ସ୍ପଷ୍ଟ ଜଣାପଡିନାହିଁ।

# ରୋକାଲ, ଡି.ବି.ବ୍ଲାଷ୍ଟର ଦଳ ବିଜୟୀ


ମ୍ୟାଚ୍ ପୂର୍ବରୁ ଉଭୟ ଦଳର ଖେଳାଳିମାନେ।

**ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ**

ବୋଡେନ,୨୫।୧୦(ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ବ୍ଲକ ପୁଟୁପଡାସ୍ଥିତ ବୃନ୍ଦାବନ ଖେଳ ପଡିଆରେ ଶିବଶକ୍ତି ୟୁଥ୍ ଓ ସ୍ପୋର୍ଟ୍ସ କ୍ଲବ ଦ୍ୱାରା ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଫରସରା ସରପଞ୍ଚ ସରିତା ନିଆଲ ମୁଖ୍ୟଅତିଥି ଭାବେ ଯୋଗଦାନ କରି ପ୍ରତିଯୋଗୀତା ଉଦ୍‌ଘାଟନ କରିଥିଲେ। ଏହି ଟୁନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରୁଥିବା ବେଳେ ରୋକାଲ ପଞ୍ଚାୟତ ଓ ଫରସରା ପଞ୍ଚାୟତ ମଧ୍ୟରେ ଆୟୋଜିତ ଉଦ୍‌ଘାଟନୀ ମ୍ୟାଚରେ ୧-୦ ଗୋଲରେ ବିଜୟୀ ହୋଇ ରୋକାଲ ଦଳ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ଚଟିଆଗୁଡା ଓ ଡି.ବି.ବ୍ଲାଷ୍ଟର ମଧ୍ୟରେ ଆୟୋଜିତ ଦ୍ୱିତୀୟ ମ୍ୟାଚରେ ଡି.ବି ବ୍ଲାଷ୍ଟର ଟ୍ରାଇବ୍ରେକର୍ ଜରିଆରେ ବିଜୟୀ ହୋଇଥିଲା। ଲିଟିସର୍ଗି ପୂର୍ବତନ ସରପଞ୍ଚ ଅନ୍ତରାମ ଚିନ୍ଦା, ଆଇନଜୀବୀ ଗୌତମ ନିଆଲ, ବିଜୟ ଧରୁଆ, ବାବୁଲାଲ ଧରୁଆ, ଡିଗସନ୍ ଧରୁଆ, ଭୁବନେଶ୍ୱର କମାର, ଓଁକାର ଧରୁଆ, ଟିକେସୁନ୍ଦର ମାଝି, କୁଶ ଧରୁଅ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚସୀନ ଥିଲେ। ସୁବାଷ ଚନ୍ଦ୍ର ଯୋଷୀଙ୍କ ନେତୃତ୍ୱରେ ନିଳାମ୍ବର ବାଗ, ଛବିରାମ ଧରୁଆ, ସୁରେନ୍ଦ୍ର ମାଝି ମ୍ୟାଚ ଅଫିସିଆଲ୍ ଭାବେ ଖେଳ ପରିଚାଳନା କରିଥିଲେ। ପ୍ରକାଶଚନ୍ଦ୍ର ପାତ୍ର, ଭିମରାଜ ତାଣ୍ଡି, ମନୋଜ ଖମାରୀ, ମାନସ ପଟେଲ, ମନିସ ଧରୁଆ ଧରାବିବରଣୀ ପ୍ରଦାନ କରିଥିଲେ। ଶିଶୁପାଳ ଧରୁଆ, ମହେଶ ଧରୁଆ, ଯୋଗେନ୍ଦ୍ର ମାଝି ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଯୁବକ ସଂଘ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଦକ୍ଷିଣକାଳୀ ମନ୍ଦିରରେ ଚଣ୍ଡୀ ମହାଯଜ୍ଞ

ଭବାନୀପାଟଣା,୨୫।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଦକ୍ଷିଣ କାଳୀ ମନ୍ଦିରରେ ଦୀପାବଳି ଓ ଶ୍ୟାମାକାଳୀ ଜନ୍ମ ମହୋତ୍ସବ ଉପଲକ୍ଷେ ଚଣ୍ଡି ମହାଯଜ୍ଞ ଆୟୋଜିତ ହୋଇଛି। ଆଚାର୍ଯ୍ୟ ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଚଣ୍ଡୀ ମହାଯଜ୍ଞରେ ନିରଞ୍ଜନ ଦାସ ଚଣ୍ଡୀପାଠ, ସତ୍ୟ ନାରାୟଣ ମହାପାତ୍ର ଶିବ ସହସ୍ର ନାମ, ବିଭୁତି ଭୂଷଣ ରଥ ସିଦ୍ଧ ବିନାୟକ, ଡ଼ ତପନ ରଥ ବିଷ୍ଣୁ ସହସ୍ର ନାମ ଓ ଆଦିତ୍ୟ ଖମାରୀ ସ୍ୱସ୍ତିବାଚକ ଦାୟିତ୍ୱ ତୁଲାଇଥିଲେ। କ୍ଷେତ୍ର ମୋହନ ଯୋଶୀ ଓ ତାଙ୍କ ସୌଭାଗ୍ୟ ମଞ୍ଜରୀ ଯୋଶୀ ଯଜ୍ଞର କର୍ତ୍ତା ହୋଇଥିଲେ। ମନ୍ଦିରର ପୂଜାରୀ ସଞ୍ଜୀବ ଯୋଶୀ ଦେବୀଙ୍କ ଜନ୍ମ ମହୋତ୍ସବ ପୂଜା କରିଥିବା ବେଳେ ପୂଜକ ପ୍ରଭାକର ତ୍ରିପାଠୀ ମନ୍ଦିରରେ ଦେବୀଙ୍କ ପଞ୍ଚମକାର ଅର୍ଚ୍ଚନା କରିଥିଲେ। କ୍ଷୀରୋଦ ପ୍ରସାଦ ନେଗୀ, ଅଶୋକ ମହାପାତ୍ର, ଶକ୍ତି ପ୍ରସାଦ ଯୋଶୀ, ଶରତ କୁମାର ଦାସ, ବାବୁ ପାଣିଗ୍ରାହୀ, ସୂର୍ଯ୍ୟ ନାରାୟଣ ବିଶି ପ୍ରମୁଖ ସହଯୋଗ କରିଥିଲେ। ବିଳମ୍ବିତ ରାତ୍ରୀ ଯାଏଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା।


ଚଣ୍ଡୀ ମହାଯଜ୍ଞ।

## ଲୁକ୍କାୟିତ ପ୍ରତିଭା ପରିପ୍ରକାଶ ହିଁ ଶିଶୁ ଉତ୍ସବର ମୂଳ ଲକ୍ଷ୍ୟ


ଜଣେ କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ**

ଭବାନୀପାଟଣା,୨୫।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଶଗଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ସର୍ଗିଗୁଡା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ୧୮ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ନାଚ, ଗୀତ, ବକ୍ତୃତା, ସାଧାରଣଜ୍ଞାନ, ତର୍କ, ସଙ୍ଗୀତ ଆଦି ବିଭିନ୍ନ ପ୍ରତିଯୋଗୀତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶଗଡା ସରପଞ୍ଚ ଗୋବିନ୍ଦ ନାଏକ ଯୋଗଦେଇ ମଶାଲ ପ୍ରଜ୍ୱଳନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସରପଞ୍ଚ ନାଏକ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସାହୁ, ସିଆରସିସି ମହମ୍ମଦ ଜାକିର ଓ ଅନ୍ୟାନ ବିଦ୍ୟାଳୟ ଶିକ୍ଷୟିତ୍ରୀ/ଶିକ୍ଷକ, ଛାତ୍ରୀଛାତ୍ର ଓ ଗ୍ରାମବାସୀ ସାଂସ୍କୃତିକ ଦଳ ସହ ଏକ ବିଶାଳ ଶୋଭାଯାତ୍ରାରେ ଶଗଡା ଗ୍ରାମ ପରିକ୍ରମା କରିଥିଲେ। ଶିଶୁମାନଙ୍କ ଲୁକାୟିତ ପ୍ରତିଭାର ପରିପ୍ରକାଶ ହିଁ ଏହି ଶିଶୁ ଉତ୍ସବର ମୂଳ ଲକ୍ଷ୍ୟ ବୋଲି ସିଆରସିସି ଅଭିଭାଷଣରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଶିକ୍ଷକ ମନୋଜ କୁମାର ପଣ୍ଡା ଓ ସନ୍ତୋଷ କୁମାର ମିଶ୍ର ପରିଚାଳନା କରିଥିଲେ। ସେହିପରି ଶିକ୍ଷକ ଦୁର୍ଗା ଆଚାରୀ, ରମେଶ ଛତ୍ରିଆ, କୃପାସିନ୍ଧୁ ପ୍ରଧାନ, ନାରାୟଣ ନିଆଲ, ଯୁଧିଷ୍ଠିର ମୁଦୁଲି, ଅର୍ଚ୍ଚ୍ୟ ଗଉଡ, ପୂର୍ଣ୍ଣଚନ୍ଦ୍ର ନାଏକ, ଶିକ୍ଷୟିତ୍ରୀ ରୋଜି ମିଶ୍ର, ମଧୁମିତା ପଣ୍ଡା, ଜି ସାଇ କ୍ରିଷ୍ଣା, ଇପାସାରାଣୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଜୁଆ ଆଡ୍ଡାରେ ପୋଲିସର ଚଢ଼ାଉ

ଖଡ଼ିଆଳ,୨୫।୧୦(ଡି.ଏନ.ଏ.)

ନୂଆପଡ଼ା ଜିଲାରେ ଅନେକ ସ୍ଥାନରେ ଲୋକେ ଜୁଆ ଖେଳୁଥିବା ଅଭିଯୋଗ ହୋଇଛି। ଏପରି ଏକ ଅଭିଯୋଗକୁ ଭିତ୍ତିକରି ଖଡ଼ିଆଳ ପୋଲିସ ସବଇନ୍ସପେକ୍ଟର ଦେବେନ୍ଦ୍ର ବିନ୍ଧାଣିଙ୍କ ନେତୃତ୍ୱରେ ଖଡ଼ିଆଳ ଥାନା ଅନ୍ତର୍ଗତ ଡୁକୁଲା ଗ୍ରାମ ବସଷ୍ଟାଣ୍ଡଠାରେ ଚାଲୁଥିବା ଏକ ଜୁଆଅଡ୍ଡା ଉପରେ ଚଢ଼ାଉ କରାଯାଇଛି। ସେଠାରୁ ୨ଟି ତାସ, ଏକ କାରପେଟ ଏବଂ ନଗଦ ୧୭,୫୦୦ ଟଙ୍କା ଜବତ କରିବା ସହ ୨ଜଣ ଶଙ୍କର ପଟେଲ ଓ ଚୌବନ ମାଝି ନାମକ ବ୍ୟକ୍ତିଙ୍କୁ ଧରି ଖଡ଼ିଆଳ ଥାନାକୁ ଆଣି ପଚରାଉଚରା କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୪୩୮/୨୨) ରୁଜୁ ହୋଇଛି। ୨ଜଣଙ୍କୁ ଏକ ନୋଟିସ ଦେଇ ଛାଡ଼ି ଦେଇଥିବା ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ସୂଚନା ଦେଉଛନ୍ତି।

# ରୋଷେୟା, ସେବାୟତଙ୍କୁ ନିୟମିତ କରିବା ଦାବି

ଖଡ଼ିଆଳ,୨୫।୧୦(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ବାଦୀ ଗ୍ରାମର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଜିଲା ରୋଷେୟା ଓ ସେବାୟତ ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ରୋଷେୟା ଓ ସେବାୟତଙ୍କୁ ନିୟମିତ କରିବା ପାଇଁ ଦାବି କରାଯାଇଛି। ଏଥିରେ ଜିଲା ରୋଷେୟା ଓ ସେବାୟତ ସଂଘ ସଭାପତି ଭୈରବ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ ଗତ ୧୨।୪।୧୯୯୩ଠାରୁ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ଅଧୀନରେ ୨୯ ବର୍ଷ କାର୍ଯ୍ୟ କରି ବିଭିନ୍ନ ପରିସ୍ଥିତିର ସମ୍ମୁଖୀନ ହୋଇ ସରକାରୀ କାର୍ଯ୍ୟରେ ଚାଲିଆସୁଥିଲେ ମଧ୍ୟ ରୋଷେୟା ଓ ସେବାୟତମାନଙ୍କୁ ସ୍ଥାୟି ମାନ୍ୟତା ସରକାର ଦେଇନାହାନ୍ତି। ଜିଲାର ରୋଷେୟା ତଥା ସେବାୟତ ପଦରେ ଅନେକ ମହିଳା ଓ ପୁରୁଷ ଦୀର୍ଘ ବର୍ଷର ଅଭିଜ୍ଞତା ଥିଲେ ମଧ୍ୟ ସେମାନଙ୍କୁ ଅର୍ଦ୍ଧ କୋଶଳୀ ଶ୍ରମିକ ଭାବେ ରଖାଯାଇଛି। ଗତ ୧୩।୪।୧୯୯୩ ଆଜି ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦେଇଥିବା ରୋଷେୟା ତଥା ସେବାୟତମାନଙ୍କୁ ମାସିକ ମାତ୍ର ବାର ହଜାର ଟଙ୍କା ଦିଆଯାଉଛି। ସେମାନଙ୍କୁ କୌଣସି ସରକାରୀ ସୁବିଧା ସୁଯୋଗ ପ୍ରଦାନ କରାଯାଉନାହିଁ ବୋଲି ସଂଘ ଅଭିଯୋଗ କରିଛି। ରୋଷେୟା ତଥା ସେବାୟତ ସଂଘ ପକ୍ଷରୁ ଅନେକ ଥର ବିଭାଗୀୟ ମନ୍ତ୍ରୀଙ୍କୁ ଭେଟି ସମସ୍ତ ସମସ୍ୟା ସମାଧାନ ପାଇଁ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ପ୍ରିନ୍ସିପାଲ ସେକ୍ରେଟାରୀ ଶାଶ୍ୱତ ମିଶ୍ରଙ୍କୁ ମଧ୍ୟ ସାକ୍ଷାତ କରି ସମସ୍ୟା ସମାଧାନ ପାଇଁ ଲିଖିତ ଅଭିଯୋଗ କରିଥିଲେ। ହେଲେ ଆଜି ଯାଏ କୌଣସି ସମସ୍ୟା ସମାଧାନ କରାଯାଇ ନାହିଁ। ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଶୀଘ୍ର ସମାଧାନ ପାଇଁ ସଂଘ ଦାବି କରିଛି।


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ଧବଳେଶ୍ୱର ଦୁଗ୍ଧ ସମବାୟ ସମିତି ସମ୍ମୁଖରେ ଚାଷୀଙ୍କ ଧାରଣା

**ବିକେଏନ ଆଞ୍ଚଳିକ ଦୁଗ୍ଧ ସଂଘ ନିର୍ବାଚନ ପ୍ରସଙ୍ଗ**

ତୁଣ୍ଡଲା,୨୫।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଧବଳେଶ୍ୱର ଦୁଗ୍ଧ ସମବାୟ ସମିତି ସମ୍ମୁଖରେ ଦୁଗ୍ଧ ଚାଷୀମାନେ ମଙ୍ଗଳବାର ଧାରଣା ଦେଇଥିଲେ। ସୂଚନା ଅନୁସାରେ ବଲାଙ୍ଗୀର, କଳାହାଣ୍ଡି, ନୂଆପଡା ଆଞ୍ଚଳିକ ଦୁଗ୍ଧ ସଂଘର ବୋର୍ଡ ଡାଇରେକ୍ଟର ପଦ ପାଇଁ ନିର୍ବାଚନ କରାଯାଇଥିଲା। ନିର୍ବାଚନରେ କଳାହାଣ୍ଡି ଜିଲା ୧୦ ନମ୍ବର ଜୋନରେ ବେଲଖଣ୍ଡି ଧବଳେଶ୍ୱର ଦୁଗ୍ଧ ସମବାୟ ସମିତି ଓ ସିର୍ଜାପାଲି ପଞ୍ଚାୟତ ଦିଗଶିରା ମା' ଲକ୍ଷ୍ମୀ ଦୁଗ୍ଧ ସମବାୟ ସମିତିରୁ ଦିଗଶିରା ଗ୍ରାମର ରଶ୍ମିତା ପୁଟେଲ ଓ ବଲାଙ୍ଗୀର ଜିଲା ରୋଦ ଦୁଗ୍ଧ ସମବାୟ ସମିତି ଓ ହରଭଙ୍ଗା ଦୁଗ୍ଧ ସମବାୟ ସମିତି ରୋଦ ଗ୍ରାମର ସୀମା ପଟେଲ ନିର୍ବାଚନ ଲଢ଼ିଥିଲେ। କଳାହାଣ୍ଡି ଜିଲାରୁ ୨୫ଟି ଓ ବଲାଙ୍ଗୀରରୁ ୨୪ଟି ମତଦାନକାରୀ ରହିଥିଲେ। କଳାହାଣ୍ଡି ଜିଲାରେ ଅଧିକ ମତଦାନକାରି ରହିଥିବାରୁ ଦିଗଶିରା ଗ୍ରାମର ରଶ୍ମିତାଙ୍କୁ ବିଜୟୀ କରିବା ପାଇଁ ସମବାୟ ସମିତି ପକ୍ଷରୁ ବୈଠକ କରାଯାଇ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ନିର୍ବାଚନରେ ରଶ୍ମିତା ବିଜୟୀ ହେବ ପରିବର୍ତ୍ତେ ପରାଜୟୀ ହୋଇଥିଲେ। ଧବଳେଶ୍ୱର ଦୁଗ୍ଧ ସମବାୟ ସମିତି ଦୁଗ୍ଧ ଚାଷୀଙ୍କ କହିବା ଅନୁଯାୟୀ ସମିତି ପୂର୍ବତନ ପ୍ରେସିଡେଣ୍ଟ ତଥା ବର୍ତ୍ତମାନର ସମିତି ମେମ୍ବର ହେମ ସାଗର ପୂଝାରୀ ଅପରପକ୍ଷ ସହିତ ଅର୍ଥ କାରବାର କରି ଆମ ସହିତ ବିଶ୍ୱସ ଘାତକତା କରିଥିବା ନେଇ ସମବାୟ ସମିତି ସମ୍ମୁଖରେ ଆନ୍ଦୋଳନ କରିଥିବା ପ୍ରକାଶ କରିଛନ୍ତି। ହେମସାଗରଙ୍କ କୁଶପୁତ୍ତଳିକା ଦାହ କରିଥିବା ଦେଖିବାକୁ ମିଳିଛି। ଏ ନେଇ ହେମସାଗରଙ୍କୁ ପଚାରିବାରୁ ଭାରତୀୟ ସମ୍ବିଧାନ ଅନୁସାରେ ନିଜ ଇଛାରେ ମାତଦାନ କରିପାରିବି ଏବଂ ମୋ ଇଛାରେ ମତଦାନ କରିଛି ବୋଲି କହିଛନ୍ତି। ସମିତି ପକ୍ଷରୁ ଆନ୍ଦୋଳନ ପାଇଁ ସୋମବାର ପଲମ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରାଯାଇଛି ବୋଲି ସମିତି ମେମ୍ବର ଦିଲୀପ କୁମାର ଦୋରା ପ୍ରକାଶ କରିଛନ୍ତି।


ଦୁଗ୍ଧ ଚାଷୀମାନେ ଧାରଣା ଦେଇଛନ୍ତି।

## ଭିନ୍ନକ୍ଷମ ବିଦ୍ୟାଳୟରେ ଦୀପାବଳି ପାଳିତ

ସୋନପୁର,(ନି. ପ୍ର.): ସୋନପୁର ବ୍ଲକ କଳାପଥର ସ୍ଥିତ ଜିଲା ଭିନ୍ନକ୍ଷମ କଲ୍ୟାଣ ବିଦ୍ୟାଳୟରେ ଆଲୋକର ପର୍ବ ଦୀପାବଳି ଆନନ୍ଦ, ଉଲ୍ଲାସର ସହିତ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶ୍ରବଣବାଧିତ, ଦୃଷ୍ଟିବାଧିତ ଏବଂ ବୌଦ୍ଧିକ ଶକ୍ତିସମ୍ପନ୍ନ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ସମ୍ପାଦକ ଉତ୍ତମ ଚରଣ ଦେହୁରୀଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ରାଜ୍ୟ ବାହାରର ତିନି ଅଭିଯୁକ୍ତ ଗିରଫ

### ୧୪ କେଜି ଗଞ୍ଜେଇ ସହ ୨ ମୋଟର ସାଇକେଲ ଜବତ



୨ ଗୋଟି ବାଇକ୍ ସହ ତିନି ଅଭିଯୁକ୍ତ।

ମନମୁଣ୍ଡା,୨୫।୧୦(ଡି.ଏନ.ଏ.): ବୌଦ୍ଧ ଜିଲା କଣ୍ଟାମାଳ ପୋଲିସ ୧୪ କେଜି ଗଞ୍ଜେଇ ସହ ୨ ଗୋଟି ମୋଟର ସାଇକେଲ ଜବତ କରିଛି। ଏହି ଘଟଣାରେ ରାଜ୍ୟ ବାହାରର ୩ ଜଣଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ମଙ୍ଗଳବାର ଦିନ ୨ ଗୋଟି ମୋଟର ସାଇକେଲରେ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ କଲରାକୋଠା-କଣ୍ଟାମାଳ ରାସ୍ତାରେ ଗାଡି ମୋଟର ଯାଞ୍ଚ କରିଥିଲା। କଲାରକୋଠା ପୋଲ ନିକଟରେ ଦୁଇଟି ମୋଟରସାଇକେଲରେ ଜରି ବସ୍ତାରେ କିଛି ଜିନିଷ ଯାଉଥିବା ଦେଖି ସନ୍ଦେହରେ ଚାଳକଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଉକ୍ତ ବସ୍ତାରୁ ୧୪ କେଜି ୫୦୦ ଗ୍ରାମ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଏହି ଗଞ୍ଜେଇ ଓ ଦୁଇଟି ମୋଟର ସାଇକେଲ ପୋଲିସ ଜବତ କରିଥିଲା। ଏନେଇ କଣ୍ଟାମାଳ ଥାନାରେ ଏକ ମାମଲା ରୁଜୁ ହୋଇଛି। ଗଞ୍ଜାଇ ଚୋରା ଚାଲାଣ ଅଭିଯୋଗରେ ଛତିଶଗଡ ରାଜ୍ୟ କୋର୍ବା ଜିଲା କାଠଘୋରା ଗ୍ରାମର ଜଗତରାମ ନାଏକ (୪୫) ଓ ସୁମେଡ଼ା ଗ୍ରାମର ସେଟରାମ ସାଣ୍ଡେଲ (୫୩) ଓ ଅନୁପୁର ଜିଲାର ଅମରକାନ୍ତକ ଗ୍ରାମର ସୁଫଲ ରାମ ନାଏକ (୨୮)ଙ୍କୁ ଗିରଫ କରାଯାଇଛି। ଏନେଇ ନଂ. ୧୬୦/୨୨ରେ ଏକ ମାମଲା ରୁଜୁ କରାଯାଇଛି।

## ଡ୍ରାଇଭର ମହାସଂଘର ବୈଠକ

ତରଭା,୨୫।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ଖେଳ ପଡିଆରେ ଡ୍ରାଇଭର ସଂଘର ଏକ ବୈଠକ ଜିଲା ସଭାପତି ସନ୍ତୋଷ ମହାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲା ସମ୍ପାଦକ ପ୍ରତାପ ମିଶ୍ର, ଉପସଭାପତି ଜ୍ୟୋତିରଞ୍ଜନ ପଧାନ ବୈଠକରେ ଯୋଗଦେଇ ସଂଘକୁ ମଜଭୁତ କରିବାକୁ ବକ୍ତବ୍ୟ ରଖିଥିଲେ। ସମ୍ବଲପୁର ସମଲେଶ୍ୱରୀ ମନ୍ଦିରରୁ ୧୧ ଦଫା ଦାବି ନେଇ ଭୁବନେଶ୍ୱର ନବୀନ ନିବାସ ପର୍ଯ୍ୟନ୍ତ ଯାତ୍ରା ସର୍ମ୍ପକରେ ଆଲୋଚନା କରାଯାଇଥିଲା। ଦାବି ପୂରଣ ନହେଲେ ଷ୍ଟିଆରିଙ୍ଗ ଛାଡ଼ ଆନ୍ଦୋଳନ କରାଯିବାକୁ ସଂଘ କର୍ମକର୍ତ୍ତାମାନେ ଏହି ଅବସରରେ ଚେତାବନୀ ଦେଇଥିଲେ। ଏହି ଅବସରରେ ତରଭା ଅଞ୍ଚଳ ପାଇଁ ଏକ ନୂତନ କମିଟି ଗଠନ କରାଯାଇଥିଲା। ସଭାପତିଭାବେ ସୁରେଶ ଚନ୍ଦ୍ର ବେହେରା, ସମ୍ପାଦକ ରଞ୍ଜିତ କମ୍ପ, ଉପସଭାପତି ରମେଶ ଗୁରୁ, ସହସମ୍ପାଦକ ଅର୍ଜୁନ ସା, କୋଷାଧକ୍ଷ ନନ୍ଦକିଶୋର ସାହୁ, କାର୍ଯ୍ୟକାରୀ ସମ୍ପାଦକ ସୁଧୀର କୁମାର ସାହୁ, ଉପଦେଷ୍ଟାଭାବେ କେତେଜଣଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି।

# ଜାତି ସଂସ୍କାର ବଳବତ୍ତର ରଖିବାକୁ ଗୁରୁତ୍ୱ

### ପୁଆରେ ଡୁମାଳ ଜାତି ଗଙ୍ଗା ସମାଜ ସମ୍ମିଳନୀ

ତରଭା,୨୫।୧୦(ଡି ଏନ ଏ .)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପୁଆ ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ପୁଆ କେନ୍ଦ୍ର ଡୁମାଳ ଜାତି ଗଙ୍ଗା ମହାସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୁଆ କେନ୍ଦ୍ର ସଭାପତି ପୁରନ୍ଦର ଦନ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହାସଭାରେ ପୂର୍ବତନ ରାଜ୍ୟ ସଭାପତି ଦେବାର୍ଚ୍ଚନ ଚାଉଳିଆ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ତରଭା ପଞ୍ଚାୟତ ସମିତି ଅଧକ୍ଷ ସରୋଜ କମ୍ପ, ରାଜ୍ୟ ଉପସଭାପତି ମୂରଲୀ ପାତ୍ର, ଜିଲା ଉପସଭାପତି କିଶୋର କର୍ମୀ, ଜିଲା ଯୁବ ସଭାପତି ଅଶ୍ୱିନୀ ମହାକୁର, ସଭ୍ୟ ସଦା ପାତ୍ର, କେନ୍ଦ୍ର ଜିଲା ପ୍ରତିନିଧି ପ୍ରଭୁଦତ୍ତ ଡାଙ୍ଗ, ପୁରନ୍ଦର କର୍ଣ୍ଣ, ସୁରେଶ କର୍ଣ୍ଣ ଓ ପୁଆ କେନ୍ଦ୍ର ସମ୍ପାଦକ ସୁଜନ ଦନ୍ତା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ମାଳିଶ୍ରୀ ଗୀତ ପରିବେଷଣ କରିଥିଲେ ରୁଦ୍ରାକ୍ଷ ମହାକୁର ଓ ବେଦ ପଠନ କରିଥିଲେ ଉପେନ୍ଦ୍ର ଥାଟୀ। ଡୁମାଳ ଜାତି ସଙ୍ଗଠନ ସୁଦୃଢ କରିବା ଓ ଜାତିର ସଂସ୍କାର କିପରି ବଳବତ୍ତର ରହିବ ତାହା ଉପରେ ଅତିଥିମାନେ ମତ ରଖିଥିଲେ। ସମସ୍ତେ ନିଜନିଜ ମଧରେ ଭାଇଚାରା ରଖି ଜାତିର ଉନ୍ନତି ଦିଗରେ କାର୍ଯ୍ୟ କରିବାପାଇଁ ଏଡି ଅବସରରେ ଶପଥ ନେଇଥିଲେ । ଏହି ସଭାରେ ଅର୍ଡା, ଭାଲୁବାହାଲ, ନୂଆପାଲି, ବଘିଆ, ଚାରଭଟା, ଲୁହୁରାପାଲି, ହରଡଖୋଲ, ମାଟିକୋଡ, ସୋନପୁର ତଥା ଡାହୁକଗୁଡର ସଭାପତି ଓ ସମ୍ପାଦକ ଅତିଥିଭାବେ ଯୋଗଦେଇଥିଲେ । ପୁଆ କେନ୍ଦ୍ର ଜିଲା ପ୍ରତିନିଧି ସୁରେଶ କର୍ଣ୍ଣ ସଭା କାର୍ଯ୍ୟ ପରିଚାଳନା, ନିମାଇଁ ଚରଣ ଖଣ୍ଡଗିରୀ ଧନ୍ୟବାଦ ଅର୍ପଣ କରିଥିଲେ ।




ସମ୍ମିଳନୀରେ ମଞ୍ଚାସୀନ ଡୁମାଳ ସମାଜର କର୍ମକର୍ତ୍ତା।

# ସୁବର୍ଣ୍ଣପୁର ଜିଲା ପ୍ରତିଯୋଗୀଙ୍କୁ ଅଣଦେଖା ଅଭିଯୋଗ

### ରାଜ୍ୟସ୍ତରୀୟ ବକ୍ସିଂ

ଅମରପାଲି,୨୫।୧୦(ଡି.ଏନ.ଏ.)

ରାଜ୍ୟସ୍ତରୀୟ ବକ୍ସିଂ ପ୍ରତିଯୋଗୀତାରେ ସୁବର୍ଣ୍ଣପୁର ଜିଲା ପ୍ରତିଯୋଗୀଙ୍କୁ ଅଣଦେଖା ହୋଇଥିବା ଅଭିଯୋଗ ହୋଇଛି। ରାଉରକେଲାରେ ଓଡିଶା ଏମିଚର ବକ୍ସିଂ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲାର ୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବୀରମହାରାଜପୁରର ଶୁଭ୍ରତା କଲତା ୫୩ କିଗ୍ରା ଓ ପ୍ରଜ୍ଞାଶ୍ରୀ ପର୍ଡିଆ ୪୭ କିଗ୍ରା ବର୍ଗ ପାଇଁ ଅଂଶଗ୍ରହଣ କରିଥିଲେ। ଉଭୟ ପ୍ରତିଯୋଗୀ ଓ ଜିଲା ବକ୍ସିଂ ଏମିଚର ସଂଘ ସମ୍ପାଦକ ବ୍ରଜ ଗୋପାଳ ପଣ୍ଡା ସୁବର୍ଣ୍ଣପୁର ଜିଲାର ପ୍ରତିଯୋଗୀଙ୍କୁ ଅଣଦେଖା କରାଯାଇଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ ରାଜ୍ୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ରାଜ୍ୟର ପ୍ରତ୍ୟେକ ଜିଲାରୁ ପ୍ରତିଯୋଗୀତା ଅଂଶଗ୍ରହଣ କରିବା କଥା। ହେଲେ ଏଥିରେ ଗଞ୍ଜାମରୁ ୬ଜଣ, ସୁନ୍ଦରଗଡରୁ ଜଣେ ଓ ସୁବର୍ଣ୍ଣପୁରରୁ ୨ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୁନଶ୍ଚ ସୁବର୍ଣ୍ଣପୁରର ପ୍ରତିଯୋଗୀଙ୍କୁ ପ୍ରଥମେ ଅଂଶଗ୍ରହଣ କରିବାକୁ ଅନୁମତି ମିଳି ନ ଥିଲା। ସୁବର୍ଣ୍ଣପୁର ଜିଲାପାଳଙ୍କ ହସ୍ତକ୍ଷେପ ପରେ ୨ଖେଳାଳିଙ୍କୁ ଖେଳିବାକୁ ଅନୁମତି ମିଳିଥିଲା। ଦ୍ୱିତୀୟତଃ ଗୋଟିଏ ଜିଲାର ପ୍ରତିଯୋଗୀ ଅନ୍ୟ ଜିଲାର ପ୍ରତିଯୋଗୀଙ୍କ ସହିତ ଖେଳିବା କଥା। ହେଲ ସୁବର୍ଣ୍ଣପୁର ଜିଲାର ପ୍ରତିଯୋଗୀଙ୍କୁ ନିଜ ନିଜ ମଧରେ ଖେଳା ଯାଇଥିଲା। ଏପରିକ ସେମାନଙ୍କୁ ନିଜ ବର୍ଗ ଓଜନରେ ମଧ ଖେଳା ଯାଇ ନ ଥିଲା। ଏନେଇ ପ୍ରତିଯୋଗୀମାନେ ଆୟୋଜକଙ୍କୁ ଅଭିଯୋଗ କରିଥିଲେ ମଧ କେହି ଶୁଣି ନ ଥିବା ସେମାନେ ଗଣମାଧମକୁ ଅଭିଯୋଗ କରିଛନ୍ତି। ଏ ନେଇ ଓଡିଶା ଏମିଚେର ବକ୍ସିଂ ଆଶୋସିଏଶନର ସମ୍ପାଦକ ଅନୀଲ ବହିଦାର ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି।



ବକ୍ସିଂ ପ୍ରତିଯୋଗିତାରେ ପରସ୍ପର ମୁହାଁମୁହିଁ ହୋଇଥିବା ସୁବର୍ଣ୍ଣପୁର ଜିଲାର ୨ଖେଳାଳି।

# ବିଧାୟକଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ



ଗ୍ରାମବାସୀ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଅମରପାଲି,୨୩।୧୦(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର ଭାଲୁଡୁଙ୍ଗୁରୀ (କଲନିପଡା)ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଧାୟକ ପଦ୍ମନାଭ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଦାବି ମୁତାବକ ଗ୍ରାମରେ ଶହେ ଆଦିବାସୀ ପରିବାର ବାସ କରୁଛନ୍ତି। ଉକ୍ତ ଗ୍ରାମ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ବହୁ ପଛରେ। ଗ୍ରାମକୁ ଏଯାଏ ପକ୍କା ରାସ୍ତା ନାହିଁ। ଏଣୁ ବୀରମହାରାଜପୁର-ଅମରପାଲି ପୂର୍ତ୍ତ ବିଭାଗ ରାସ୍ତାରୁ କଲନିପଡାକୁ ପ୍ରଧାନ ମନ୍ତ୍ରୀ ସଡକ ଯୋଜନା କିମ୍ବା ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ପକ୍କାରାସ୍ତା ନିର୍ମାଣ କରାଯାଉ। ବୋରୱେଲ ଖନନ କରି ଓଭରହେଡ ପାଣିଟାଙ୍କି ମାଧ୍ୟମରେ ଜଳ ଯୋଗାଣ, ଗ୍ରାମ୍ୟ ପୋଖରୀର ଉନ୍ନତୀକରଣ, ବୀର୍ଷାମୁଣ୍ଡା ହକି ଖେଳ ପଡିଆର ନିର୍ମାଣ, ଚିଙ୍ଗିରାନାଲି ଯୋରରୁ ଚାଷ ଜମିକୁ ଉଠା ଜଳସେଚନର ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗ୍ରାମର ଅଧିକାଂଶ ପରିବାର ଦୀର୍ଘଦିନ ହେଲା ଦଖଲ କରିଥିବା ଜମିରେ ଚାଷ କରୁଛନ୍ତି। ମାତ୍ର ଏଯାଏ ସେମାନଙ୍କୁ ଉକ୍ତ ଜମିର ପଟ୍ଟା ମିଳିନାହିଁ। ଏଣୁ ଉକ୍ତ ଜମିର ସ୍ଥାୟୀ ଜମି ପଟ୍ଟା ବଣ୍ଟନ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁଙ୍କ ନେତୃତ୍ୱରେ ରମେଶ ମୁଣ୍ଡା, ପୁରନ୍ଦର ମୁଣ୍ଡା, ସୁଶିଳ ମୁଣ୍ଡା, ସୁଧିର ମୁଣ୍ଡା, ଘାସିରାମ ମୁଣ୍ଡା, ପରମା ମୁଣ୍ଡା, ରଥିଲାଲ ମୁଣ୍ଡା, ଜଗଦା ମୁଣ୍ଡା, କଂସ ପୁଣ୍ଡା, ବୀର ମୁଣ୍ଡା ପ୍ରମୁଖ ବିଧାୟକ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରି ଉକ୍ତ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି। ବିଧାୟକ ପର୍ଯ୍ୟାୟକ୍ରମେ ସମସ୍ୟାଗୁଡିକର ସମାଧାନ କରିବାର ପ୍ରତିଶ୍ରୁତି ଦେଇଛନ୍ତି।

## ପାପକ୍ଷୟ ଘାଟରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ବିନିକା, ୨୫।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ପାପକ୍ଷୟ ଘାଟରେ ମଙ୍ଗଳବାର ସୂର୍ଯ୍ୟପରାଗ ମୋକ୍ଷ ହେବା ପରେ ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇଥିଲେ। ମହିଳା ଓ ପୁରୁଷଙ୍କ ପାଇଁ ପୃଥକ ସ୍ନାନ କରିବା ବ୍ୟବସ୍ଥା କରାଯାଇଥିଲା। ସମାଗମକୁ ଆଖି ଆଗରେ ରଖି ବିନିକା ଏନଏସି, ପ୍ରଶାସନ ତରଫରୁ ସ୍ୱାସ୍ଥ୍ୟ କ୍ୟାମ୍ପ, ଜନସ୍ୱାସ୍ଥ ବିଭାଗ, ପୋଲିସ, ଦମକଳ ବାହିନୀ ସଜାଗ ରହିଥିଲେ। ଶ୍ରଦ୍ଧାଳୁଙ୍କ ଭିଡ଼ ଦୃଷ୍ଟିରୁ ମଙ୍ଗଳବାର ସନ୍ଧ୍ୟା ୬ଟାରୁ ବୁଧବାର ସକାଳ ୭ଟା ପର୍ଯ୍ୟନ୍ତ ସ୍ନାନ କରି ପାରିବେ ବୋଲି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀକୁମାର ରଥ ପ୍ରକାଶ କରିଛନ୍ତି। ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କର ଯେପରି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ମେଳା କମିଟି ସଦସ୍ୟମାନେ କାମ କରୁଛନ୍ତି।

## ଗୋଟିଏ ଦାନବାକ୍ସ ମିଳିଲା, ୨ ଅଟକ

### କପିଳେଶ୍ୱର ମନ୍ଦିର ଦାନବାକ୍ସ ଚୋରି ଘଟଣା

ବିନିକା, ୨୫।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚରଦା କପିଳେଶ୍ୱର ମନ୍ଦିରର ୩ ଦାନବାକ୍ସ ଗତ ୨୨ତାରିଖ ଚୋରି ହୋଇଥିଲା। ଦାନବାକ୍ସକୁ ମୁଖାପିନ୍ଧା ଦୁର୍ବୃତ୍ତ ଲୁଟିଥିବା ସିସି ଟିଭି ଫୁଟେଜରେ କଏଦ ହୋଇଥିଲା। ଏହାକୁ ଆଧାର କରି ବିନିକା ଥାନା ପୋଲିସ ଚୋରକୁ ଧରିବା ପାଇଁ ତନାଘନା ଚଳାଇଛି। ମଙ୍ଗଳବାର ଚରଦା ନିକଟ ଶନି ପାହାଡ଼ରୁ ଗୋଟିଏ ଖାଲି ଦାନବାକ୍ସ ପୋଲିସ ଉଦ୍ଧାର ହୋଇଛି। ସନ୍ଦେହରେ ୨ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଉଛି। ଖୁବ୍‌ଶୀଘ୍ର ଚୋର ଧରା ପଡିବେ ବୋଲି ଆଇଆଇସି ପବିତ୍ର ସାହୁ କହିଛନ୍ତି।

## ୨୦ ତମ ମା' ଶ୍ୟାମାକାଳୀ ପୂଜା

ବାଉଁଶୁଣୀ,୨୪।୧୦(ଡି.ଏନ.ଏ.)

ବୌଦ୍ଧ ଜିଲା ବାଉଁଶୁଣୀ ସୋନପୁରିଆପଡା ମା' ଶ୍ୟାମାକାଳୀ ମଣ୍ଡପଠାରେ ସୋମବାର ୨୦ତମ କାଳୀପୂଜା ଅନୁଷ୍ଠିତ ହୋଇଯାଇଛି। ସକାଳେ ମହାନଦୀରୁ କମିଟିର ସମସ୍ତ କର୍ମକର୍ତ୍ତା କଳସରେ ପାଣି ଆଣି ମଣ୍ଡପରେ ରଖିଥିଲେ। ଗତ ଦୁଇବର୍ଷ ହେବ କୋଭିଡ କଟକଣା ଯୋଗୁ ଶ୍ୟାମାକାଳୀ ପୂଜା ବନ୍ଦ ରହିଥିଲା। ହେଲେ ଚଳିତବର୍ଷ ପୂଜା ଧୂମଧାମରେ ପାଳନ ହେଉଛି। କର୍ତ୍ତା ଭାବରେ ନେହେରୁ ମେହେର, ସପନୀ ପୁଷ୍ପାଞ୍ଜଳି ମେହେର ଥିବା ବେଳେ ପୂଜକ ଭାବରେ ଗୋବର୍ଦ୍ଧନ ଦାସ ପୂଜା କାର୍ଯ୍ୟ ତୁଲାଇଥିଲେ। ସମିର ମେହେର, ନବୀନ ମେହେର,ସୁବୋଧ ମେହେର, ଅରବିନ୍ଦ ତ୍ରିପାଠୀଙ୍କ ସମେତ କମିଟିର କର୍ମକର୍ତ୍ତା ସହଯୋଗ କରିଥିଲେ। ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।




ପୂଜା ପାଉଥିବା ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି।

# ୧ରୁ ଭାଗବତ ସପ୍ତାହ ପାରାୟଣ

ସୋନପୁର,୨୫।୧୦(ନି.ପ୍ର.)

ସୋନପୁର ସହର ଭଗବତୀପ୍ଲଟ ଅଗ୍ରସେନ ଭବନରେ ଆସନ୍ତା ନଭେମ୍ବର ୧ରୁ ୧୧ ତାରିଖ ପର୍ଯ୍ୟନ୍ତ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ଅନୁଷ୍ଠିତ ହେବ। ଭାଗବତ ସପ୍ତାହ ପରିଚାଳନା ମଣ୍ଡଳୀ, ଭଗବତୀପ୍ଲଟ ପକ୍ଷରୁ ପ୍ରତ୍ୟହ ସକାଳ ସାଢେ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶ୍ରୀମଦ ଭାଗବତ ପାରାୟଣ ଓ ରାତି ୭ରୁ ୧୦ଟା ପର୍ଯ୍ୟନ୍ତ ପ୍ରବଚନ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି। ବିନିକା ବ୍ଲକ ବାଞ୍ଜିପାଲିର ନୀଳମାଧବ ନାୟକ ବ୍ୟାସ ଦାୟିତ୍ୱ ନିର୍ବାହ କରିବେ। ଚଳିତ ବର୍ଷ ପ୍ରବଚକଭାବେ ଦଶପଲ୍ଲାର ବାବା ଶ୍ରୀଧର ଦାଶ, ଅନୁଗୋଳ ଜିଲା ବନ୍ତଳାର ପ୍ରବଚକ ପଣ୍ଡିତ ମହେଶ କୁମାର ସାହୁ ଓ କଟକ ବିଡାନାସୀର ପ୍ରବଚକ ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ହରି କଥା ଶୁଣାଇବେ। ଅକ୍ଟୋବର ୩୧ ଅପରାହ୍ନରେ ଶ୍ରୀ ରାମେଶ୍ୱର ପବିତ୍ର ସଙ୍ଗମ ସ୍ଥଳରୁ କଳସ ଶୋଭାଯାତ୍ରା ଓ ପରେ ସଂସ୍ଥାପନ, ଅଧିବାସ ଅନୁଷ୍ଠିତ ହେବ। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଭକ୍ତ ବୃନ୍ଦ ବହୁ ସଂଖ୍ୟାରେ ଯୋଗଦାନ କରି ବିଷ୍ଣୁ କୃପା ଲାଭ କରିବାକୁ ଭାଗବତ ସପ୍ତାହ ପରିଚାଳନା କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

# ଡିସେମ୍ବର ୨୭ରୁ ବୀରମହାରାଜପୁର ଆଞ୍ଚଳିକ ଧନୁଯାତ୍ରା

ଅମରପାଲି,୨୫।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବାଳକ ହାଇସ୍କୁଲ ପଡିଆରେ ଡିସେମ୍ବର ୨୭ରୁ ହେବ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ। ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସତ୍ୟଞ୍ଜିବ ମିଶ୍ର, ଶିବାନନ୍ଦ ତ୍ରିପାଠୀ, ଲକ୍ଷ୍ମୀନାରାୟଣ ପୁରୋହିତ, ଆମ୍ବା ଅଧକ୍ଷ ବିବସ୍ୱତି ପଣ୍ଡା ପ୍ରମୁଖ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ପ୍ରଦାନ କରିଛନ୍ତି। ପ୍ରଥମ ଥର ପାଇଁ ହେବାକୁ ଥିବା ଉକ୍ତ ଧନୁଯାତ୍ରା ମହୋତ୍ସବ ଡିସେମ୍ବର ୨୭ରୁ ଆରମ୍ଭ ହୋଇ ନଅ ଦିନ ଧରି ଚାଲିବ। ଜାନୁୟାରୀ ୩ରେ ଏହାର ଉଦ୍‌ଯାପନୀ ହେବ। ପ୍ରତ୍ୟହ ଦିନବେଳା ରାମାୟଣ ପାରାୟଣ ହେବ। ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ପ୍ରତ୍ୟହ ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ଧନୁଯାତ୍ରାର ନାଟ୍ୟାଭିକରଣ ହେବ। କଂସ ମହାରାଜ ନଗର ପରିଭ୍ରମଣ କରି ମଞ୍ଚରେ ପହଞ୍ଚିଲା ପରେ ରାଜ ଦରବାର କାର୍ଯ୍ୟକ୍ରମ ହେବ। ଏଥିରେ ରାନୈତିକ ନେତୃବୃନ୍ଦ, ପ୍ରଶାସକ ଓ ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଉପସ୍ଥିତ ରହିବେ। ରଙ୍ଗମଞ୍ଚରେ ବିଭିନ୍ନ ସ୍ଥାନରୁ ଆସିଥିବା ନୃତ ଦଳ ନୃତ୍ୟ ପରିବେଷଣ କରିବେ। ଅପେରା, ମୀନାବଜାର ସହିତ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ବୀରମହାରାଜପୁର ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। ସତ୍ୟଞ୍ଜିବ ମିଶ୍ର ସଭାପତି, ନାରାୟଣ ଲୁହା କାର୍ଯ୍ୟକାରୀ ସଭାପତିଭାବେ ଚୟନ କରାଯାଇଛି। ଶିବାନନ୍ଦ ତ୍ରିପାଠୀ ସମ୍ପାଦକ, ଦୁର୍ଗେଶ ପଣ୍ଡା ସହସମ୍ପାଦକ, କୃଷ୍ଣଚନ୍ଦ୍ର ମେହେର ମେହେର କୋଷାଧକ୍ଷ, ତ୍ରିପୁରାରୀ ମେହେରଙ୍କୁ ସହକୋଷାଧକ୍ଷ ଚୟନ କରାଯାଇଛି। ଧିରେନ୍ଦ୍ର ନାରାୟଣ ପଣ୍ଡା, ସୁରୁ ନାରାୟଣ ମହାକୁର, ଲକ୍ଷ୍ମୀନାରାୟଣ ପୁରୋହିତ, ବିବସ୍ୱତୀ ପଣ୍ଡା ଓ ଶୈଳ ରଞ୍ଜନ ବାଦୀଙ୍କୁ ଉପଦେଷ୍ଟାଭାବେ ଚୟନ କରାଯାଇଛି। ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବକୁ ଆକର୍ଷଣୀୟ କରିବାକୁ ସବୁ ପ୍ରକାର ଉଦ୍ୟମ କରାଯିବ ବୋଲି ସୂଚନା ଦିଆଯାଇଛି।



ବୀରମହାରାଜପୁରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା।

# ପ୍ରାଥମିକ ଶିକ୍ଷକଙ୍କ ଠିକା ନିଯୁକ୍ତି ଉଚ୍ଛେଦ ଦାବି

ସୋନପୁର,୨୫।୧୦(ନି.ପ୍ର)

ସୁବର୍ଣ୍ଣପୁର ଏନ୍ଏିସି ହଲରେ ଜିଲାର ନୂତନ ପେନସନଭୋଗୀ ପ୍ରାଥମିକ ଶିକ୍ଷକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଶଶାଙ୍କ ଶେଖର ପଣ୍ଡା ଅଧକ୍ଷତା କରିଥିଲେ। ଶିକ୍ଷକମାନେ ଓଡ଼ିଶା ସରକାର ପ୍ରାଥମିକ ଶିକ୍ଷକଙ୍କ ପ୍ରତି ରଖିଥିବା ବୈମାତୃକ ମନୋଭାବର ତୀବ୍ର ବିରୋଧ କରିଥିଲେ। ସଂଘ ଆବାହକ ଦୋଳଗୋବିନ୍ଦ ପଣ୍ଡା କହିଥିଲେ, ୨୦୦୧ ମସିହାରୁ ସ୍ୱେଚ୍ଛାସେବୀ ଶିକ୍ଷାସହାୟକ ଓ ଶିକ୍ଷା ସହାୟକଙ୍କୁ ସରକାର ଠିକା ନିଯୁକ୍ତି ଦେଇଥିଲେ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଠିକା କର୍ମଚାରୀଙ୍କ ଠିକା ନିଯୁକ୍ତି ଉଚ୍ଛେଦ କରିଥିବା ବେଳେ ଦେଢ ଲକ୍ଷରୁ ଅଧିକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକସ୍ତରରେ ଥିବା ଶିକ୍ଷକମାନଙ୍କ ଠିକା ନିଯୁକ୍ତି ଉଚ୍ଛେଦ କଲେନାହିଁ। ଏହା ଉପରେ ସରକାର ବିଚାର କରନ୍ତୁ। ସଂଘର ପରାମର୍ଶଦାତା ସୁରେଶ ପଧାନ ୬ବର୍ଷର ଠିକା ଅବଧିକୁ ମୂଳ ଚାକିରିରେ ଯୋଗ କରିବା ସହ ୬ଟି ଇନକ୍ରିମେଣ୍ଟ ପ୍ରଦାନ କରିବାକୁ ଦାବି ରଖିଥିଲେ। ସରକାର ଆମ ଦାବିକୁ ଆସନ୍ତା ୧୦ଦିନ ମଧରେ ପୂରଣ ନ କଲେ ଜିଲାର ସମସ୍ତ ପ୍ରାଥମିକ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘ ପକ୍ଷରୁ ସଭ୍ୟ ମନୋଜ ସାହୁ ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ରାୟ, ପଦ୍ମନାଭ ବାରିକ, ନାରାୟଣ ଜଗଦଲା, ବେଣୁଧର ସୁରୁଜାଲ, ବାବୁଲୁ ସେଠୀ, ମନୋରଞ୍ଜନ ପାଣ୍ଡିଆ, ମୀନକେତନ ସାହୁ , ସୋନୁ ନାଏକ, ଚିରଞ୍ଜୀବ ତ୍ରିପାଠୀ, ଭରତ ଝାଙ୍କର, ମନରଞ୍ଜନ ପୂଜାହାରୀ ମତ ରଖିଥିଲେ। ବୈଠକରେ ସମସ୍ତ ୬ବ୍ଲକର ବ୍ଲକ ପ୍ରତିନିଧିଙ୍କ ସହିତ ପ୍ରାୟ ୧୫୦ରୁ ଅଧିକ ସଭ୍ୟାସଭ୍ୟ ଯୋଗ ଦେଇଥିଲ । ସଭ୍ୟ ହୃଷିକେଶ ଚାନ୍ଦ ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ନୂତନ ପେନସନ ଭୋଗୀ ପ୍ରାଥମିକ ଶିକ୍ଷକମାନେ।